

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୧ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 21 March 2026
Vol.No. 36 ■ No.76 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ହରମୁଜ୍ ପ୍ରଣାଳୀ ଅବରୋଧ: ଇରାନକୁ କଡ଼ା ଚେତାବନୀ ଦେଲେ ୟୁରୋପୀୟ ଦେଶ ଓ ଜାପାନ

ନୂଆଦିଲ୍ଲୀ,୨୦/୩ : ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ଅବରୋଧ ହୋଇ ରହିଥିବା ବେଳେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ ଓ ଜାପାନ ଭଳି ପ୍ରମୁଖ ବିଶ୍ୱ ଶକ୍ତିମାନେ ଏକ ମିଳିତ ବିବୃତ୍ତି ଜାରି କରି ଇରାନର ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ କଡ଼ା ନିନ୍ଦା କରିବା ସହ ସାମୁଦ୍ରିକ ପରିବହନ ପାଇଁ ଏକ ସୁରକ୍ଷିତ ପଥ ପ୍ରସ୍ତୁତ କରିବାକୁ ସହମତି ପ୍ରକାଶ କରିଛନ୍ତି । ବ୍ରିଟେନ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ କାର୍ଯ୍ୟାଳୟ



ପକ୍ଷରୁ ପ୍ରକାଶିତ ଏହି ବିବୃତ୍ତିରେ ଇରାନକୁ ତୁରନ୍ତ ଡ୍ରୋନ, କ୍ଷେପଣାସ୍ତ୍ର ଆକ୍ରମଣ ଏବଂ ସମୁଦ୍ରରେ ଲ୍ୟାଣ୍ଡମାଇନ ବିଛାଇବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଆହ୍ୱାନ ଦିଆଯାଇଛି, କାରଣ ଗତ ତିନି ସପ୍ତାହର ସଂଘର୍ଷ ମଧ୍ୟରେ ୧୦ଟି ଟ୍ୟାଙ୍କର ସମେତ ପ୍ରାୟ ୨୩ଟି ବାଣିଜ୍ୟିକ ଜାହାଜ ଆକ୍ରମଣର ଶିକାର ହୋଇଛନ୍ତି ଯାହା ବିଶ୍ୱ ଶାନ୍ତି ଓ ଶକ୍ତି ଯୋଗାଣ ଶୃଙ୍ଖଳ ପ୍ରତି ଏକ ଗୁରୁତର ବିପଦ ସୃଷ୍ଟି କରିଛି । ଆମେରିକା-ଇସ୍ରାଏଲ ଆକ୍ରମଣର ଜବାବରେ ◆◆ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି: ନିୟମିତ ହେଲେ ୧୩ ହଜାରରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୨୦/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି। ଏହି ଶିକ୍ଷକମାନେ ସେମାନଙ୍କର ଚାକିରୀରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି। ତେବେ, ସେମାନେ ଚାକିରୀରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ Notional Benefit



ପାଇବେ। ୨୦୨୬ ଜାନୁଆରି ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ଉଚ୍ଚ ଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ 'ଏଆଇ ଫର୍ ଅଲ୍' ପାଠ୍ୟକ୍ରମ

ଭୁବନେଶ୍ୱର, ୨୦/୩ (ନି.ପ୍ର): ଉଚ୍ଚ ଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ 'ଏଆଇ ଫର୍ ଅଲ୍' ପାଠ୍ୟକ୍ରମ । ଏଆଇ ଶିକ୍ଷାକୁ ମିଳିବ ଉଡାଣ । କଲେଜରେ ଆରମ୍ଭ ହେବ ଏଆଇ ଶିକ୍ଷା । 'ଏଆଇ ଫର୍ ଅଲ୍' ପାଠ୍ୟକ୍ରମ ଜରିଆରେ ଏଆଇ ଶିକ୍ଷାକୁ ଦିଆଯିବ ପ୍ରୋତ୍ସାହନ । ରମାଦେବୀ ବିଶ୍ୱବିଦ୍ୟାଳୟରେ ଖୋଲାଯାଇଛି ଏଆଇ ଆଣ୍ଡ ରୋବୋଟିକ ସେଂଟର ଅଫ୍ ଏକ୍ସିଲେନ୍ସ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରରେ କଳା ସ୍ନାତକୋତର ଦ୍ୱିତୀୟ ସେମିଷ୍ଟାରରେ ଏଆଇ ପାଠ୍ୟକ୍ରମ ପଢା ଯାଉଛି । ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

## ନିଶା ମୁକ୍ତ ହେବ ଓଡ଼ିଶା : ଏପ୍ରିଲ ୧ରୁ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୦/୩ (ନି.ପ୍ର): ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ଅଣ୍ଟା ଭିଡ଼ିଛି ପୁଲିସ ପ୍ରଶାସନ । ରାଜ୍ୟରେ ଅପରାଧ ବୃଦ୍ଧି, ଦୁର୍ଘଟଣା ଓ ଯୁବପୀଢ଼ି ପଥଭ୍ରଷ୍ଟ ପଛର ପ୍ରମୁଖ କାରଣ ହେଉଛି ନିଶା। ଆସନ୍ତା ମାସରୁ ଆରମ୍ଭ ହେଉଛି ସ୍ୱତନ୍ତ୍ର ନିଶାମୁକ୍ତ ଅଭିଯାନ । ଲକ୍ଷ୍ୟ ରଖାଯାଇଛି ଆଗାମୀ ତିନି ବର୍ଷ ଭିତରେ ସଂପୂର୍ଣ୍ଣ ରାଜ୍ୟରୁ ନିଶା ଦ୍ରବ୍ୟର ମୂଳୋତ୍ପାଟନ। ମାଓମୁକ୍ତ ପରେ ପରେ ଓଡ଼ିଶାକୁ ନିଶାମୁକ୍ତ କରିବାକୁ ପଣ କରିଛି ପୁଲିସ ପ୍ରଶାସନ। ନିଶା ମାଫିଆଙ୍କୁ ଯେଉଁଠି ଦେଖୁଛ ତାଙ୍କୁ ବନ୍ଧାଯିବ। ରାଜ୍ୟର ସମସ୍ତ ଏସପି ଓ ଏସଟିଏଫଙ୍କୁ ଏନେଇ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ ଡିଜି। ଏପ୍ରିଲ ପହିଲାରୁ ରାଜ୍ୟରେ ଆରମ୍ଭ ହେବ ସ୍ୱତନ୍ତ୍ର ଅଭିଯାନ। ଆସନ୍ତା ୩ ବର୍ଷ ଭିତରେ ନିଶା ବା ଗଞ୍ଜେଇର ମୂଳପୋଛ ଲକ୍ଷ୍ୟ ରହିଛି । ୩ ମାସ ଭିତରେ ସମସ୍ତ ନିଶା ଦ୍ରବ୍ୟ ନଷ୍ଟ କରିବାକୁ ଯୋଜନା କରାଯାଇଛି । ପଡ଼ୋଶୀ ରାଜ୍ୟରୁ ଆସୁଥିବା ସିନ୍ଥେଟିକ୍ ଡ୍ରଗ୍ସ ଓ ହେରୋଇନ କାରବାରର ମୂଳପୋଛ କରିବାକୁ ଅଣ୍ଟା ଭିଡ଼ିଛି ଓଡ଼ିଶା ପୁଲିସ । ବିଶେଷ କରି ରାଜ୍ୟବାହାରୁ ଆସୁଥିବା ନିଶା ମାଫିଆଙ୍କ ଉପରେ କଡ଼ା ◆◆ପୃଷ୍ଠା ୭

## ଶୁକ୍ରୁଠାରେ ହିଁ ଶେଷ ହେବ ମାଓ ଅପରେସନ: ଡିଜିପି

ଭୁବନେଶ୍ୱର, ୨୦/୩ (ନି.ପ୍ର): ରାୟଗଡ଼ା-କଳାହାଣ୍ଡି-କନ୍ଧମାଳ ଜଙ୍ଗଲ ସୀମାନ୍ତରେ ମାଓ ନେତା ଶୁକ୍ରୁକୁ ଘେରି ରହିଛି ସୁରକ୍ଷା ବାହିନୀ । ଜୋରଦାର୍ ଅପରେସନ ଚାଲିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଓଡିଶାରୁ ମାଓବାଦୀ ନିପାତ ହେବେ । ହାର୍ଡକୋର୍ ଶୁକ୍ରୁ ଠାରେ ହିଁ ଶେଷ ହେବ ମାଓ ଅପରେସନ । ପୋଲିସ୍ ଡିଜି ୱାଇ ବି ଖୁରାନିଆ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ମାଓ ଅପରେସନ ଏବେ ଶେଷ ପର୍ଯ୍ୟାୟରେ ବୋଲି ଡିଜିପି ସୂଚନା ଦେଇଛନ୍ତି । ସେପଟେ ମାଓବାଦୀଙ୍କୁ ଡିଜିପି ଶେଷ ଚେତାବନୀ ଦେଇ କହିଛନ୍ତି ବନ୍ଧୁକ ଛାଡି ମୁଖ୍ୟ ସ୍ରୋତରେ ସାମିଲ ହୁଅ । ହିଂସା ଛାଡି ଅହିଂସାର ରାସ୍ତା ଆପଣାଅ ।

## ବିଜେଡିର କାରଣ ଦର୍ଶାଅ ନୋଟିସ୍: ଉତ୍ତର ରଖିଲେ ବିଧାୟକ

ଭୁବନେଶ୍ୱର, ୨୦/୩ (ନି.ପ୍ର): ଗତ ୧୬ ତାରିଖ ଦିନ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ନେଇ ବିଜେଡିର କାରଣ ଦର୍ଶାଅ ନୋଟିସ୍ ପ୍ରସଙ୍ଗରେ ଦଳୀୟ ବିଧାୟକମାନେ ଉତ୍ତର ରଖିଛନ୍ତି। ବିଜେଡିର ବାଙ୍କୀବିଧାୟକ ଦେବୀ ରଂଜନ ତ୍ରିପାଠୀ କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ଦଳୀୟ ହୁଇପ୍ କାମ କରେ ନାହିଁ। ତେଣୁ ଏହି କ୍ଷେତ୍ରରେ ବିଜେଡି ହୁଇପ୍ ଜାରି କରିବା ବେଆଇନ ଅଟେ। ସେ କାରଣ ଦର୍ଶାଅ ନୋଟିସ୍ ପ୍ରତ୍ୟାହାର ପାଇଁ କହିଛନ୍ତି। ଏଥି ସହିତ ସେ କହିଛନ୍ତି



ଯେ, କାରଣ ଦର୍ଶାଅ ନୋଟିସ୍ ପ୍ରତ୍ୟାହାର କରନ୍ତୁ ନଚେତ କୋର୍ଟର ସାମ୍ନା କରିବାକୁ ପ୍ରସ୍ତୁତ ହୁଅନ୍ତୁ। ସୂଚନାଯୋଗ୍ୟ, ରାଜ୍ୟସଭା ନିର୍ବାଚନରେ ବିଜେଡିର ୬ଜଣ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ଦଳର ହ୍ୱିପ୍ ନ ମାନି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହାକୁ ନେଇ ଦଳ ଭିତରେ ଝଡ଼ ସୃଷ୍ଟି ହୋଇଛି। ବିଜେଡି ଗତ ୧୭ ତାରିଖ ଦିନ କାରଣ ଦର୍ଶାଅ ନୋଟିସ୍ ଜାରି କରି ଉତ୍ତର ରଖିବାକୁ ତିନି ଦିନ ସମୟ ଦେଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏଥିରେ ସେ ଦର୍ଶାଇଛନ୍ତି, ଆପଣ ବିଜେଡି ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ◆◆ପୃଷ୍ଠା ୭

## ବାଲେଶ୍ୱର ଦିବଂଗତ ସାମ୍ବାଦିକ ନରେନ୍ଦ୍ର ବାରିକଙ୍କ ଶ୍ରଦ୍ଧାଞ୍ଜଳି ସ୍ମୃତିସଭା

ବାଲେଶ୍ୱର , ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାମ୍ବାଦିକ ପ୍ରକୋଷ୍ଠରେ ଦିବଂଗତ ସାମ୍ବାଦିକ ନରେନ୍ଦ୍ର କୁମାର ବାରିକ ଙ୍କ ସ୍ମୃତି ସଭା ଦିବଂଗତ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନି ର ସମ୍ପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା, ପ୍ରେସ ଇକ୍ସପ୍ରେସ ମିଡ଼ିଆ କ୍ଲବ ର ସଭାପତି, ଜନପ୍ରିୟ ସମ୍ପାଦକ ଉଜ୍ଜ୍ୱଳ ଚନ୍ଦ୍ର କର , ମାସ ଟିଭିର ସମ୍ପାଦକ ସୁରେନ୍ଦ୍ର ମୋହନ ଜେନା, ଦିବଂଗତ କମିଟିର ସମ୍ପାଦକ ଗଗନ ଚନ୍ଦ୍ର ସେଠୀ, ଉପସଭାପତି ସନ୍ଦିପ୍ତ କୁମାର ଦାସ




, ସଂଘମିତ୍ର ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସଭାପତି ଦେବବ୍ରତ ପାଣିଗ୍ରାହୀ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଅତିଥି ପରିଚୟ ଦେଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସର୍ବ ପ୍ରଥମେ ଦିବଂଗତ ସାମ୍ବାଦିକ ନରେନ୍ଦ୍ର କୁମାର ବାରିକ ଓ ମିହିର ମହାପାତ୍ର ଅମର ଆତ୍ମା ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ସୃଷ୍ଟିଧର ପରିଡ଼ାଙ୍କ ଦ୍ୱାରା ଦିବଂଗତ କମିଟିର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ର ଆଜୀବନ ସଦସ୍ୟ ତାଲିକାକୁ ଉଦଘାଟନ କରିଥିଲେ। ଏପରିକି ନରେନ୍ଦ୍ର ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ଜଣ ସାମ୍ବାଦିକ ମହେଶ୍ୱର ପ୍ରଧାନ ଓ ତପନ କୁମାର ଦାସ ଙ୍କୁ ମାନପତ୍ର , ଉତ୍ତରୀ, ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ । ◆◆ପୃଷ୍ଠା ୭


DADLS-88



ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

IPR

DADLS-88

ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

IPR

# ମା' ବାରଖୁଲେନ କ୍ରିକେଟ ଟୁର୍ଣ୍ଣାମେଂଟ ଚତୁର୍ଥ ଦିନ

ବଲାଙ୍ଗିର, ୨୦/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଂଚାୟତ ବାରବନ୍ଧ ଗ୍ରାମର ଖେଳପଡ଼ିଆଠାରେ ମା' ବାରଖୁଲେନ କ୍ରିକେଟ କ୍ଲବ ପକ୍ଷରୁ ମା' ବାରଖୁଲେନ କ୍ରିକେଟ ଟୁର୍ଣ୍ଣାମେଂଟ ରବିବାର ଉଦଘାଟିତ ହୋଇଥିବା ବେଳେ ଆଜି ଚତୁର୍ଥ ଦିନରେ ବାଲଦାଶ ଏବଂ ନାନାଝେର ମଧ୍ୟରେ ମେଚ ଚାଲିଥିବା ବେଳେ ନାନାଝେର ବିଜୟ କରିଛନ୍ତି ଏବଂ ଦ୍ୱିତୀୟ ମେଚ ରେ ପୁଡାପାଲି ଏବଂ କରଲାବେହେଲି ମଧ୍ୟରୁ ପୁଡାପାଲି ବିଜୟ ଲାଭ କରିଛନ୍ତି। ମୁଖ୍ୟଅତିଥି ଭାବେ ସଞ୍ଜୟ କୁମାର ରାଓ ତଥା ଯୁବ ସମାଜସେବୀ କିଶୋର ସାହୁ ଉଗ୍ରେସନ ମାଝୀ ଏବଂ ରାଜେନ୍ଦ୍ର ଭୋଇ ଶଙ୍କର ମାଝୀ ଓ ଗୋପାଳ ଚିନ୍ଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରିକେଟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦୁଇଟି ରାଉଣ୍ଡର ବିଜୟୀ ଦଳକୁ ନେଇ ତୃତୀୟ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ । ନାନାଝେର ଓ ପୁଡାପାଲି ସେମି ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି ।

ଅମ୍ପାୟାର ରୂପେ ଖେଳ ପରିଚାଳନା କରିଥିବା ଧ୍ରୁବଲେ ଭୋଇ ଓ ବିକାଶ ନାଏକ କରିଥିବା ବେଳେ ସୁବ୍ରତ ବଘାର ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟିର ସଭାପତି ଭିକାରୀ ଭୋଇ, ଉପସଭାପତି ବିବେକ ସାହୁ, କୋଷାଧ୍ୟକ୍ଷ ଆକାଶ ସାହୁ, ପଦ୍ମନ ମାଝୀ, ଉମେଶ ସାହୁ, ଅମିର ବଘାର, କାଳିଆ ପ୍ରଧାନ, ବିକାଶ ନାଏକ, ରାଘବ ଭୋଇ ମଂଟୁ ନାଏକ, ରଞ୍ଜନ ବଘାର, ପ୍ରଦୀପ ଭୋଇ, ଅମିତ ନାଏକ, ଲିଙ୍କନ ସାହୁ, ନର ମାଝୀ, ଶୁକମଣି ଚିନାଗୁନ, ପ୍ରଦୀପ ନାଏକ, ହ୍ରିତିକ ଭୋଇ, ଲକ୍ଷପତି ଭୋଇ, ଛୋଟୁ ସାହୁ, ପ୍ରସନ୍ନ ନାଏକ, ମନୁ ନାଏକଙ୍କ ସହ କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ

ବାଲେଶ୍ୱର, ୨୦/୩ (ନି.ପ୍ର): ବିଶ୍ୱ ସାମାଜିକ ନ୍ୟାୟ ଦିବସ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ସଚେତନତ ମୂଳକ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଉଦ୍ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଉଦ୍ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସାମାଜିକ ନ୍ୟାୟ ପାଇଁ ବରିଷ୍ଠ ନାଗରିକ ମାନଙ୍କ ଯୋଗଦାନ ଓ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ସାଇବର ଠକେଇର ବିଭିନ୍ନ ଦିଗ ଉପରେ ବରିଷ୍ଠ ନାଗରିକ ମାନଙ୍କୁ ସଚେତନତା କରାଇଥିଲେ । ଲିଡ ବ୍ୟାଙ୍କ ମ୍ୟାନେଜର ବରିଷ୍ଠ ନାଗରିକଙ୍କ ସଞ୍ଚୟ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହା ବ୍ୟତୀତ ବରିଷ୍ଠ ନାଗରିକଙ୍କ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପଦେଷ୍ଟା ଗିରିଶ ଦାସ, ସମ୍ପାଦକ ଦାମୋଦର ନାୟକ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ୍ ପ୍ରଦାନ କରିଥିଲେ।ଏହି କାର୍ଯ୍ୟ କ୍ରମକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡିଶା ସରକାରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ

ବୈଶିଙ୍ଗା , ୨୦/୩ (ନି.ପ୍ର): ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ପଞ୍ଚ ଦିବସୀୟ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର - ୨୦୨୬ ଉଦଘାଟିତ ହୋଇ ଯାଇଛି । ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଶିବିର କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଅନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି କ୍ଷ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉତ୍ତମ ଶିକ୍ଷା ପ୍ରଦାନ ଦ୍ୱାରା ଏକ ଶୃଙ୍ଖଳିତ ତଥା ସୁସ୍ଥ ସମାଜ ଗଠିତ ହୋଇ ପାରିବ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ । ବରିଷ୍ଠ ଶିକ୍ଷକ ଶ୍ରୀ ରାଜକିଶୋର ଦାସ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ସମାରୋହରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଭାଗିରଥି ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହିତ ତାଲିମ ଶିବିର ର ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଥିଲେ ଏବଂ ଶୃଙ୍ଖଳିତ ଜୀବନ ଯାପନ ନିମନ୍ତେ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ତଥା ଜିଲ୍ଲା କ୍ରୀଡା ଛାତ୍ରବାସ ଅଧିକ୍ଷକ ଶ୍ରୀ ଅବନୀ ମୋହନ ମହାନ୍ତି , ଫିଜିଓଥେରାପି ସାଧନ କର୍ମୀ ଶ୍ରୀ ଶୁଭକାନ୍ତ ଦଳେଇ , ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ କିଶୋର କୁମାର ଆଚାର୍ଯ୍ୟ, ଯୋଗ ମାର୍ଗଦର୍ଶକ ଶ୍ରୀ ଜ୍ୟୋତି ରଞ୍ଜନ ଦାସ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜାତୀୟ ସ୍ତରୀୟ ଯୋଗାସନ ଛାତ୍ରଛାତ୍ରୀ କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ, ସଂଗୀତା ପାଢ଼ୀ ଓ ଶୁଭ ଲକ୍ଷ୍ମୀ ବେହେରା ଯୋଗାସନ ପ୍ରଦର୍ଶନ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ । ମଞ୍ଚାସୀନ ଅତିଥି ଗଣଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ, ଉପଢୌକନ ଓ ଚାରା ବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରା ଯାଇ ଥିଲା । ସମଗ୍ର ଜିଲ୍ଲା ରୁ ମୋଟ ୧୨୬ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରି ଏହି ଶିବିରରେ ଯୋଗ ଦାନ କରି ପ୍ରଶିକ୍ଷଣ ଗ୍ରହଣ କରିବେ । ପ୍ରଧାନ ଶିକ୍ଷକ ତଥା ପରିଚାଳନା ସମ୍ପାଦକ ଶ୍ରୀ ଅଜିତ କୁମାର ଜେନା ଶିବିର ର ରୂପରେଖ ଉପସ୍ଥାପନ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କେନ୍ଦ୍ରୀୟ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ରାଉତ, ପଙ୍କଜ କୁମାର ବେହେରା, ପ୍ରଦୀପ କୁମାର ଚୌଧୁରୀ,ନୀଳକଣ୍ଠ ନାୟକ, ବିଦ୍ୟାଳୟ ର ଶିକ୍ଷକ ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ, ତରଣୀ କାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବଶେଷ ରେ ପ୍ରଧାନ ଶିକ୍ଷକ ଶ୍ରୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ସୂଚନା ଅଧିକାର ଆଇନ୍-୨୦୦୫ ପ୍ରଶିକ୍ଷଣ କର୍ମଶାଳା

ବାରିପଦା, ୨୦/୩ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ବାରିପଦା ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଅଧିକାର ଆଇନ ଉପରେ ବିଶେଷ ମତ ରଖିଥିଲେ । ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ପ୍ରଶିକ୍ଷଣ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ସହ ସମସ୍ତ




ପ୍ରଶିକ୍ଷାର୍ଥୀଙ୍କୁ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ଓ କର୍ମଶାଳା ପରିଚାଳନା କରିଥିଲେ । ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ, ସରକାରୀ ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ । ଏହାସହ ପିପିଆଇଟି ମାଧ୍ୟମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ । ଏହି କର୍ମଶାଳାରେ ଜିଲାସ୍ତରୀୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହ ଜନ ସୂଚନା ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ । ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ' ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ତର୍କ ପ୍ରତିଯୋଗିତାର ସଫଳ ହୋଇଥିବା ପ୍ରବୀଣ ପ୍ରଧାନ (୧ମ), ଜ୍ୟୋତିପ୍ରକାଶ ଶତପଥୀ(୨ୟ), ଶୁଭସ୍ମିତା ମହାନ୍ତ(୩ୟ) ଏବଂ ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାଢ଼ୀ (୧ମ), ପ୍ରତୀକ୍ଷା ପ୍ରୀୟଦର୍ଶିନୀ ପଣ୍ଡା (୨ୟ), ସ୍ୱୟଂପ୍ରଭା ବେହେରା(୩ୟ) ଙ୍କୁ ପ୍ରମାଣପତ୍ର ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ସବରେଜିଷ୍ଟ୍ରର ଅଫିସ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହତା ଭିତରେ ପ୍ଲଟ ବିକ୍ରି ବିଜ୍ଞାପନ

ପୁରୀ, ୨୦/୩ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହତା ଭିତରେ ଓ ସବରେଜିଷ୍ଟରଙ୍କ କାର୍ଯ୍ୟାଳୟ ନିକଟରେ ପ୍ଲଟ ବିକ୍ରି ବିଜ୍ଞାପନ ଦେଖିବାକୁ ମିଳିଛି । ଏହି ବିଜ୍ଞାପନ କିଏ ଲଗାଇଲା, କାହିଁକି ଲଗାଇଲା, କେଉଁ ଉଦ୍ଦେଶ୍ୟ ନେଇ ଲଗାଇଲା ତାକୁ ଦେଖି ଓକିଲ, ମହକିଲ, ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥିତିବାନ ପ୍ଲଟ ଏଠାରୁ ୭ କି.ମି. ଦୂରରେ ମିଳୁଛି । ମାଳତୀପାଟପୁର, ୱାଟର ପାର୍କ, ପ୍ରଭୁଜୀ ସ୍କୁଲ ନିକଟରେ ସୁଲଭ ଦରରେ ମିଳେ ବୋଲି ଲେଖା ଅଛିକି । ଗେଟ ସମ୍ମୁଖରେ ଥିବା ଏକ ଛୋଟ ବରଗଛ ଓହଳରେ କଂଟା ବାଡିଆଯାଇ ଫିକ୍ସଂ କରାଯାଇଥିବା ଦେଖିବାକୁ ମିଳିଛି । ଅଧିକାରୀ, କିଛି ମୋହରିରଙ୍କ ଏଥିରେ ହାତ ରହିଛି ବୋଲି ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି । ସ୍ଥିତିବାନ, ଘରବାରି ଓ ବିଦ୍ୟୁତ ସଂଯୋଗ ଦିଆଯିବ । ସରକାରୀ ରୋଡ଼ ଠାରୁ ପ୍ଲଟ ଉଚ୍ଚା ରହିଛି, ଖାଲ ଜମି ନୁହେଁ । ମାଳତୀ ପାଟପୁର ବସଷ୍ଟାଣ୍ଡ ଠାରୁ ମାତ୍ର ତିନି କିଲୋମିଟର ଓ ଚାଲିକରି ଯାଇହେବ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ଦ୍ୱାରା ଆର୍ଥିକ ବର୍ଷ ସମାପ୍ତି ପୂର୍ବରୁ ଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ରେକର୍ଡ ହାସଲ

ରାଉରକେଲା, ୨୦/୩ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସ ଏମ-୨) ବିଭାଗ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ହାସଲ ହୋଇଥିବା ୨୫,୫୧,୪୪୪ ଟନ୍ କଏଲ୍ ଓଜନର ପୂର୍ବ ଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ରେକର୍ଡକୁ ୨୦୨୬ ମାର୍ଚ୍ଚ ୧୮ ତାରିଖରେ ଅତିକ୍ରମ କରି ଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ହାସଲ କରିଛି । ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୧୩ ଦିନ ପୂର୍ବରୁ ମାର୍ଚ୍ଚ ୧୮ ତାରିଖ 'ବି' ସିଫ୍ଟରେ ଏହି ମାଇଲଖୁଣ୍ଟ ହାସଲ ହୋଇଛି । ଏଚଏସଏମ-୨ ୨୦୨୬ ମାର୍ଚ୍ଚ ମାସରେ ମଧ୍ୟ



ଏକ ନୂତନ ଉତ୍ପାଦନ ମାନଦଣ୍ଡ ସୃଷ୍ଟି କରିବାକୁ ଅଗ୍ରସର ହେଉଛି ।

ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ଏବଂ ଏଚଏସଏମ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାରଙ୍କ ନିରନ୍ତର ମାର୍ଗଦର୍ଶନରେ ଟିମ୍ ଏଚ୍ଏସଏମ-୨ ର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ରେକର୍ଡ ସମ୍ଭବ ହୋଇପାରିଛି । ଏଥିସହିତ ଷ୍ଟିଲ ମେଲ୍ଟିଂ ସପ-୨, ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ, ରୋଲ୍ ସପ, ଟ୍ରାଫିକ୍ ଏବଂ କଞ୍ଚାମାଲ, ଇନଷ୍ଟ୍ରୁମେଣ୍ଟେସନ ଏବଂ ଅଟୋମେସନ, ଆର ଏଣ୍ଡ ସି ଲ୍ୟାବ, କ୍ରେନ୍ ରକ୍ଷଣାବେକ୍ଷଣ, ମେକନିକାଲ ସପ, ଡିଜାଇନ୍, ବିଦ୍ୟୁତ୍ ବଣ୍ଟନ, କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, କେନ୍ଦ୍ରୀୟ ମେକାନିକାଲ ଓ ଇଲେକ୍ଟ୍ରିକଲ ରକ୍ଷଣାବେକ୍ଷଣ, ଶକ୍ତି ପରିଚାଳନା ବିଭାଗ, ସିଭିଲ୍ ଇଞ୍ଜିନିୟରିଂ ସେବା, କଣ୍ଟ୍ରାକ୍ଟ ସେଲ୍ କାର୍ଯ୍ୟ, ସାମଗ୍ରୀ ପରିଚାଳନା, ଏଫ ଏମ ଏମ, ରିଫ୍ରାକ୍ଟୋରୀ, ଅର୍ଥ, ସୁରକ୍ଷା ଇଞ୍ଜିନିୟରିଂ, ମାନବ ସମ୍ବଳ, ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସକ୍ରିୟ ଯୋଗଦାନରେ ଏହି ରେକର୍ଡ ହାସଲ ହୋଇପାରିଛି ।

# ସେଲ୍, ଆରଏସପି ପକ୍ଷରୁ ପର୍ଶ୍ୱାଞ୍ଚଳର ବୃତ୍ତିଗତ ଅଧ୍ୟୟନରତ ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

ରାଉରକେଲା, ୨୦/୩ (ନି.ପ୍ର): ସେଲ୍, ଆରଏସପି ଦ୍ୱାରା ଶିକ୍ଷା କ୍ଷେତ୍ରରେ ସିଏସଆର ପଦକ୍ଷେପର ଅଂଶ ସ୍ୱରୂପ, ମାର୍ଚ୍ଚ ୧୪ ତାରିଖ ଦିନ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଆୟୋଜିତ ଏକ ସମାରୋହରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ, ଏହି ସମସ୍ତ ହିତାଧିକାରୀ ସୁନ୍ଦରଗଡ଼ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ ଏବଂ ଆରଏସପି ପୁନର୍ବସତି କଲୋନିର ଆର୍ଥିକ ଅନଗ୍ରସର ଏବଂ ଅବହେଳିତ ବର୍ଗର ଛାତ୍ରଛାତ୍ରୀ ଅଟନ୍ତି । ଏମାନଙ୍କ ମଧ୍ୟରୁ ୨୫ଜଣ ଛାତ୍ରଛାତ୍ରୀ ୨୦୨୫-୨୬ ଶିକ୍ଷାବର୍ଷରେ ବୃତ୍ତିଗତ ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି ଏବଂ ଅବଶିଷ୍ଟ ୨୬ ଜଣ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ସେମାନଙ୍କର ବୃତ୍ତିଗତ ଅଧ୍ୟୟନ ଜାରି ରଖିଛନ୍ତି ।

ଏହି ସମାରୋହରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଅଧ୍ୟକ୍ଷତା କରିବା ସହ



ହିତାଧିକାରୀମାନଙ୍କୁ ପ୍ରଶଂସା ପତ୍ର ଏବଂ ଡମି ଚେକ୍ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ କାନେକର ଏପରି ପଦକ୍ଷେପ, ସମାବେଶୀ ଅଭିବୃଦ୍ଧି ଏବଂ ଶିକ୍ଷା ମାଧ୍ୟମରେ ବଞ୍ଚିତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ନିମନ୍ତେ ଆରଏସପିର ପ୍ରତିବଦ୍ଧତା ପ୍ରତିଫଳିତ କରୁଥିବା ଉଲ୍ଲେଖ କରିଥିଲେ ।

ଏହି ଅବସରରେ ମତବିନିମୟ କରି ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ନିଜର କୃତଜ୍ଞତା ପ୍ରକାଶ କରିବା ସହ ଏହି ଆର୍ଥିକ ସହାୟତା କିପରି ସେମାନଙ୍କର ଶିକ୍ଷାଗତ ଏବଂ ଭବିଷ୍ୟତ ଆକାଂକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସହାୟତା କରିବ ସେ ବିଷୟରେ ଉଲ୍ଲେଖ କରିଥିଲେ ।

ଉଲ୍ଲେଖନୀୟ ଯେ, ବୃତ୍ତିଗତ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପଢୁଥିବା ଅବହେଳିତ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ମନୋନୀତ ଛାତ୍ର/ଛାତ୍ରୀ ପ୍ରତିବର୍ଷ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପାଇଥାନ୍ତି । ଏହିଭଳି ଉକ୍ତ ଯୋଜନା ଅଧୀନରେ ଦୁଇ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୬୦,୦୦୦ ଟଙ୍କା, ବି.ଟେକ୍ ଭଳି ଚାରି ବର୍ଷର ସ୍ନାତକ ପାଠ୍ୟକ୍ରମ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାଞ୍ଚ ବର୍ଷର ଏମବିବିଏସ ପାଠ୍ୟକ୍ରମ ପାଇଁ ୧,୫୦,୦୦୦ ଟଙ୍କାର ଅର୍ଥ ସହାୟତା ପ୍ରଦାନ କରାଯାଉଛି । ଶିକ୍ଷାଗତ ପ୍ରଦର୍ଶନ ଏବଂ ଆବଶ୍ୟକୀୟ କାଗଜପତ୍ର ଦାଖଲ ଆଧାରରେ ପ୍ରତିବର୍ଷ କିସ୍ତିରେ ଏହି ବୃତ୍ତି ପ୍ରଦାନ କରାଯାଏ ।

ପ୍ରାରମ୍ଭରେ, ସିଏସଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିଲେ ଏବଂ ଯୋଜନାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ପରେ, ସିଏସଆର ବିଭାଗର ଡ଼ିଜିଏମ ଶ୍ରୀ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର ?ୟକ୍ରମକୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏସ୍. କେ. ସୁକୁଲା ଏବଂ ସେକ୍ସନ ଅଫିସର ଶ୍ରୀ ବି. ଏକ୍କା ସଂଯୋଜନା କରିଥିଲେ ।

# ବାଘ ଭାଇନା ଦେଲେ ସ୍ୱଚ୍ଛତାର ବାର୍ତ୍ତା

ଗଞ୍ଜାମ, ୨୦/୩ (ନି.ପ୍ର): ବ୍ରହ୍ମପୁରବାସୀଙ୍କ ନିକଟରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବାର୍ତ୍ତା ପହଂଚାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ଆୟୋଜିତ ହୋଇଥିଲା 'ବାଘ ଭାଇନାଙ୍କ ସ୍ୱଚ୍ଛତା ୱାକ୍' । ମାନନୀୟ ଡେପୁଟୀ ମେୟର, କର୍ପୋରେଟର, ମହାନଗର ନିଗମ ଆୟୁକ୍ତ ଏବଂ ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଇଏମସି କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସ୍ୱଚ୍ଛତା ୱାକ୍ ରେ ଆମ ସମସ୍ତଙ୍କ ପ୍ରିୟ 'ବାଘ ଭାଇନା'ଙ୍କ ସହ ପାଦ ମିଶାଇଥିଲେ ଶତାଧିକ ଉତ୍ସାହୀ ବ୍ରହ୍ମପୁରବାସୀ । ସହରର ସ୍ୱଚ୍ଛତାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିବା ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ବ୍ରହ୍ମପୁରକୁ ଶ୍ରେଷ୍ଠ ସ୍ଥାନରେ ପହଂଚାଇବା ପାଇଁ ବାଘ ଭାଇନା ସମସ୍ତଙ୍କୁ ଓଦା ଓ ଶୁଖିଲା ଅଳିଆ ପୃଥକୀକରଣ ଏବଂ ପ୍ଲାଷ୍ଟିକ ବର୍ଜନ, ସେପ୍ଟିକ୍ ଟାଙ୍କିର ସଫେଇ ନିମନ୍ତେ ୧୪୪୨୦ର ବ୍ୟବହାର ସମ୍ପର୍କରେ ସଚେତନ କରିଥିଲେ ।

# ବିଧାନସଭାରେ ଉଠିଲା ସୁକତେଲ ପ୍ରକଳ୍ପ ବିସ୍ଥାପିତ ଓ ଖଣିଖନନ ପ୍ରସଙ୍ଗ

ବଲାଙ୍ଗୀର, ୨୦/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ଦୁଇପ୍ରମୁଖ ପ୍ରସଙ୍ଗ ଯଥା ଲୋୟରସୁକତେଲ ଜଳସେଚନପ୍ରକଳ୍ପରେ ଜଳସେଚନ ଓ ବିସ୍ଥାପନସମସ୍ୟା ଏବଂ ଖଣିଖନନ ବିଷୟରେ ଓଡିଶା ବିଧାନସଭାରେ ଆଲୋଚନା ହୋଇଛି । ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଜଳସେଚନବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଖଣି ଓ ଇସ୍ପାତମନ୍ତ୍ରୀ ବିଭୁତିଭୁଷଣ ଜେନାଙ୍କ ପ୍ରଶ୍ନ କରିଛନ୍ତି । ବିଧାୟକ ଶ୍ରୀ ସିଂଦେଓ ପ୍ରଶ୍ନକରିଥିଲେ ଯେ, ଲୋୟରସୁକତେଲ ଜଳସଚେନ ପ୍ରକଳ୍ପରେ ବ୍ୟୟଅଟକଳ କେତେ ବଢିଛି ଓ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି । ଏହା ସହିତ କେତେ ବିସ୍ଥାପିତ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯାଇଛି ଓ ଆଉ କେତେ ବାକି ଲୋକଙ୍କୁ ଥଇଥାନ କରିବାର ଅଛି । ଏହାର ଉତରରେ ମୁଖ୍ୟମନ୍ତ୍ରୀ ତଥା ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମୋହନଚରଣ ମାଝୀ ଉତର ରଖିଛନ୍ତି ଯେ,ଲୋୟରସୁକତେଲ ପ୍ରକଳ୍ପର ମୂଳଅଟକଳ ୨୧୭ କୋଟିରେ ଥିଲା । ତୃତୀୟଥର ପାଇଁ ଏହାର ଅଟକଳ ବଢି ଏବେ ୫୨୬୦ କୋଟି ଟଙ୍କାରେ ପହଂଚିଛି । ପ୍ରକଳ୍ପକାମ ୯୮% ସରିଛି ଓ ଆସନ୍ତା ୨୦୨୬ ଖରିଫରେ ଜିଲ୍ଲାର ୩୦,୯୬୫ ହେକ୍ଟର ଜମିକୁ ଜଳସେଚିତ କରିବାକୁ ପ୍ରସ୍ତୁତି ହୋଇଛି । ଏହି ପ୍ରକଳ୍ପରେ ମୋଟ୧୩,୬୦୭ ଏକର ଜମି ଅଧିଗ୍ରହଣ କରାଯାଇଛି । ସେଥିରେ ୧୫ଟି ଗ୍ରାମର ୫,୪୪୯ ଏକର ଜମିକୁ ୧୮୯୪ ଜମିଅଧିଗ୍ରହଣ ଆଇନରେ ଓ ୧୪ ଗ୍ରାମର ୪,୪୪୫ ଏକର ଜମିକୁ ୨୦୧୩ ଜମିଅଧିଗ୍ରହଣ ଆଇନ ଅନୁଯାୟୀ ଅଧିଗ୍ରହଣ କରାଯାଇଛି । ମୋଟ ୨୯ ଖଣ୍ଡ ଗ୍ରାମର ୧୧,୦୨୧ ପରିବାରକୁ ବିସ୍ଥାପିତ କରାଯାଇଛି । ବାକି କୁମିଆଁପାଲି ଗ୍ରାମର ୧୧୮ଟି ଆଦିବାସୀ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯିବାକୁ କାର୍ଯ୍ୟଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଉତର ରଖିଛନ୍ତି । ସେହିପରି ବଲାଙ୍ଗୀର ଜିଲ୍ଲାରେ ଜଳସେଚନହାର ବଢାଇବାକୁ ୧୬ଟି ବୃହତଉଠାଜଳସେଚନ ପ୍ରକଳ୍ପ ଯାହାକି ୧୭,୯୨୮ ହେକ୍ଟର ଜମିକୁ ଜଳସେଚିତ କରିବ କାମ ଚାଲିଛି । ୧୨୫ଟି କ୍ଷୁଦ୍ରଜଳସେଚନ ପ୍ରକଳ୍ପର ଉନ୍ନୟନକାମ ସହିତ ୫୪୫ ଚେକଡ୍ୟାମ ନିର୍ମାଣ ହୋଇଥିବା ବେଳେ ଆଉ ୬ଟି ଏମଆଇପି ଓ ୬୬ ଚେକଡ୍ୟାମ ନିର୍ମାଣ ଚାଲିଛି । ଏହା ଫଳରେ ମୋଟ ୨୪ ହଜାର ହେକ୍ଟରଜମିକୁ ଜଳସେଚନ କରାଯିବ । ବଲାଙ୍ଗୀର ଜିଲ୍ଲାର ବେଲପଡାରେ ଲୋୟରଲାନ୍ଥ ଡେମ ନିର୍ମାଣକାମ ଆରମ୍ଭ ହୋଇଛି ଯାହାକି ଆଗକୁ ୩୯୯୦ ହେକ୍ଟର ଜମିକୁ ଜଳସେଚିତ କରିବ ବୋଲି ଉତର ମିଳିଛି । ଠିକ ସେହିପରି ଖଣିଖନନ ପ୍ରସଙ୍ଗରେ କଳିକେଶ ପଚାରିଥିବା ପ୍ରଶ୍ନର ଉତରରେ ଖଣି ଓ ଇସ୍ପାତମନ୍ତ୍ରୀ ବିଭୁତିଭୂଷଣ ଜେନା କହିଛନ୍ତି ।

# ବଡବନ୍ଧ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ବଲାଙ୍ଗିର, ୨୦/୩ (ନି.ପ୍ର): ଦେଓଗାଁ ବ୍ଲକ ବଡ଼ବନ୍ଧ ଗାଁର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଅବସରରେ ହେବାକୁ ଥିବା ୫୬ ପ୍ରହର ନାମଯଜ୍ଞ ଏବଂ ତୁଳସୀ ରାମାୟଣ, ନବାହ୍ନ ପାରାୟଣ ପାଇଁ ବୁଧବାର ଦିନ କଳସ ଶୋଭାଯାତ୍ରା ହୋଇଯାଇଛି । ଗୁରୁବାର ଦିନ ତୁଳସୀ ରାମାୟଣ ନବାହ ପାରାୟଣ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଠାରୁ ଛପନ ପ୍ରହର ନାମଯଜ୍ଞ ଆରମ୍ଭ ହେବ । ଯଜ୍ଞରେ ବରିଷ୍ଠ ବିଜେଡି ନେତା ସୁଶୀଲ ଚାନ୍ଦ, ଧର୍ମପତ୍ନୀ ରଶ୍ମିତା ଚାନ୍ଦ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି । ପାରାୟଣ ପାଇଁ କର୍ତ୍ତା ଭାବେ ପଦ୍ମିନୀ ମେହେର ଓ ଯୁଗଳ କିଶୋର ମେହେର ଦାୟିତ୍ୱ ନେଉଥିବା ବେଳେ ନାମଯଜ୍ଞ ପାଇଁ ରୁପାଧାର ସେଠ୍ ଓ ସବିତା ସେଠ୍ କର୍ତ୍ତା ଦାୟିତ୍ୱ ତୁଲାଇବେ ।

**SRIAUROBINDO PURNANGA SHIKSHYA NIKETAN**

**(SAPSN)**

**AT/PO-CHHAMAUJ , VIA-JALESWAR**
**DIST-BALASORE , Pin – 756086 , MOB-9437532022**

**Admission Notice**

*S.A.P.S.N., Chhamauj , Jaleswar , Balasore -756086 ( One Residential School )has invited applications from parents in Primary class ( Class-1 to 5 ) for Both Boys & Girls within 31st May -2026 .*

*For Free admission in entry class (Class-1only) weaker & disadvantage group 25% of total seat reserved for them as per RTE norms . Parents from SC, ST, and SEBC categories with Ration card holders can be apply with proper evidence within 3 k.m. radius from school .*

*Principal*
*SAPSN , Chhamauj*




ପାଟି ଘା' ଏକ ସାଧାରଣ ସମସ୍ୟା, ଏବଂ ଅଧିକାଂଶ ଲୋକ କୌଣସି ସମୟରେ ଏହା ଅନୁଭବ କରନ୍ତି। ଏହି ଛୋଟ ଘା' ପ୍ରାୟତଃ ଓଠ, ଜିଭ, ଗାଲ କିମ୍ବା ପାଟିର ଭିତର ଭାଗରେ ଦେଖାଯାଏ। ଏହି ଘା' ଖାଇବା ଏବଂ ପିଇବାରେ ବହୁତ ଅସୁବିଧା ସୃଷ୍ଟି କରିପାରେ। ଅତ୍ୟଧିକ ଚାପ, ଭିଟାମିନ ବି୧୨, ଆଇରନ, କିମ୍ବା ଫୋଲିକ ଏସିଡ ଅଭାବ, ମସଲାଯୁକ୍ତ କିମ୍ବା ଖଟାଳ ଖାଦ୍ୟ କିମ୍ବା ଆଲର୍ଜି ପାଟି ଘା' ସୃଷ୍ଟି କରିପାରେ। କେତେକ ସମୟରେ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଯୋଗୁ ମଧ ଏହି ଘା' ହୋଇପାରେ। ଏହି ସମସ୍ୟାରୁ ମୁକ୍ତି ପାଇଁ କିଛି ଘରୋଇ ଉପଚାର ବହୁତ ପ୍ରଭାବଶାଳୀ।

ନଡ଼ିଆ ତେଲ ପାଟି ଘା ପାଇଁ ଏକ ବହୁତ ପ୍ରଭାବଶାଳୀ ଘରୋଇ ଉପଚାର। ଏହାର ଆଣ୍ଟିସେପ୍ଟିକ ଏବଂ ଆଣ୍ଟି-ଇନ୍ଫ୍ଲେମାଟରି ଗୁଣ ସଂକ୍ରମଣକୁ ରୋକିବା ଏବଂ ଫୁଲା କମ କରିବାରେ ସାହାଯ୍ୟ କରେ। ନଡ଼ିଆ ତେଲ ସହିତ ଘା'କୁ ଧୀରେ ଧୀରେ ମାଲିସ କରିବା କିମ୍ବା କିଛି ସମୟ ପାଇଁ ପାଟିରେ ରଖିବା ଦ୍ୱାରା ଯନ୍ତ୍ରଣା ଦୂର ହୋଇପାରିବ ଏବଂ ଶୀଘ୍ର ଆରୋଗ୍ୟ ହୋଇପାରିବ। ଏହି ଉପଚାର କେବଳ ଯନ୍ତ୍ରଣା କମ କରେ ନାହିଁ ବରଂ ପାଟିର ଭିତର ଅଂଶକୁ ମଧ ସଫା କରେ।

ହଳଦୀ ଏବଂ ଗୁଡର ପେଷ୍ଟ ମଧ ପାଟି ଘା' ପାଇଁ ବହୁତ ପ୍ରଭାବଶାଳୀ। ହଳଦୀର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ସୁସ୍ଥ ହେବାରେ ସାହାଯ୍ୟ କରେ, ଯେତେବେଳେ ଗୁଡ଼ର ମଧ ପ୍ରଦାହ-ବିରୋଧୀ ପ୍ରଭାବ ଥାଏ। ହଳଦୀ ପାଉଡରକୁ ଗୁଡ଼ ସହିତ ମିଶାଇ ପେଷ୍ଟ ତିଆରି କରନ୍ତୁ ଏବଂ ଏହାକୁ ସିଧାସଳଖ ଘା' ଉପରେ ଲଗାନ୍ତୁ। ନିୟମିତ ବ୍ୟବହାର ଘା' ଶୀଘ୍ର ସୁସ୍ଥ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣା କମ କରେ। ଏହି ପଦ୍ଧତି ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।

ଆଲୋଭେରା ଜେଲ ଏକ ଶୀତଳକାରୀ ପଦାର୍ଥ ଯାହା Mouth Ulcer ବା ପାଟି ଘା'ରୁ ତୁରନ୍ତ ଆରାମ ପ୍ରଦାନ କରେ। ଆଲୋଭେରା ପତ୍ରରୁ ସତେଜ ଜେଲ ସିଧାସଳଖ ଘା'ରେ ଲଗାଇବା ଦ୍ୱାରା ଫୁଲା ଏବଂ ଜ୍ୱଳନ ହ୍ରାସ ପାଏ। ବାଣିଜ୍ୟିକ ଭାବରେ ଉପଲବ୍ଧ ଘା' ମଧ ଉପଯୋଗୀ, କିନ୍ତୁ ସତେଜ ଜେଲ ଅଧିକ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଏହି ଉପଚାର ଯେଉଁମାନେ ବାରମ୍ବାର Mouth Ulcer ଅନୁଭବ କରନ୍ତି ସେମାନଙ୍କ ପାଇଁ ଲାଭଦାୟକ।

ପାହାଡି ଲୁଣ ବା ରକ୍ ସଲ୍ଟ ଏହି ଘା' ପାଇଁ ମଧ ଏକ ପ୍ରଭାବଶାଳୀ ଘରୋଇ ଉପଚାର। ଅଳ୍ପ ଗାଢ଼ ଲୁଣ ସହିତ ପାଣି ମିଶାଇ କୁଳି କରିବା ଦ୍ୱାରା ପାଟି ସଫା ହୁଏ ଏବଂ ଘା' ଚାରିପାଖରେ ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରେ। ଦିନକୁ ଅତି କମରେ ଦୁଇଥର କୁଳି କରିବା ଦ୍ୱାରା ଘା'ର ଜ୍ୱଳନ କମିଯାଏ ଏବଂ ଯନ୍ତ୍ରଣାରୁ ମୁକ୍ତି ମିଳେ। ଏହି ପଦ୍ଧତି ବହୁତ ସରଳ ଏବଂ ପ୍ରତ୍ୟେକ ଘରେ ସହଜରେ ଉପଲବ୍ଧ ଉପାଦାନ ସହିତ କରାଯାଇପାରିବ।

ମହୁରେ ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଅଛି, ଯାହା ଘା'ର ଚିକିତ୍ସାରେ ସହାୟକ ପ୍ରମାଣିତ ହୁଏ। ଘା'ରେ ସିଧା ମହୁ ଲଗାଇବା କିମ୍ବା ମହୁ ଏବଂ ଡାଲଚିନିର ମିଶ୍ରଣ ଖାଇବା ଦ୍ୱାରା ଘା'ର ଯନ୍ତ୍ରଣା କମ ହୁଏ ଏବଂ ଶୀଘ୍ର ଆରୋଗ୍ୟ ହୁଏ। ମହୁ କେବଳ ଯନ୍ତ୍ରଣାରୁ ମୁକ୍ତି ଦିଏ ନାହିଁ ବରଂ ମୁଖ ଟିସୁକୁ ମଧ ପୋଷଣ ଦିଏ, ଯାହା ସୁସ୍ଥତାକୁ ସହଜ କରେ। ଏହି ଉପଚାର ପିଲା ଏବଂ ବୟସ୍କ ଉଭୟଙ୍କ ପାଇଁ ସୁରକ୍ଷିତ।

## ଏହି ସମୟରେ ଖାଇଲେ ହୋଇପାରନ୍ତି ମୋଟା : ଜାଣନ୍ତୁ କେଉଁ ସମୟରେ ଖାଇବେ ନାହିଁ ଭାତ ଏବଂ ରୁଟି ?

**ମଧାହ୍ନ ଭୋଜନ ହେଉ କିମ୍ବା ରାତ୍ରିଭୋଜନ ଆପଣ ପ୍ରତ୍ୟେକ ଘରେ ଭାତ କିମ୍ବା ରୁଟି ଖାଉଥିବା ଲୋକଙ୍କୁ ଦେଖିବେ । କିନ୍ତୁ ଆପଣ କ'ଣ ଜାଣନ୍ତି କି ଯେ ଏହି ଭାତ-ରୁଟି ଖାଇବାର ଏକ ସଠିକ୍ ସମୟ ଅଛି ।**



ଭାତ ଏବଂ ରୁଟି ବିନା ଆମ ଭାରତୀୟଙ୍କ ଖାଦ୍ୟ ଅସମ୍ପୂର୍ଣ୍ଣ । ମଧାହ୍ନ ଭୋଜନ ହେଉ କିମ୍ବା ରାତ୍ରିଭୋଜନ ଆପଣ ପ୍ରତ୍ୟେକ ଘରେ ଭାତ କିମ୍ବା ରୁଟି ଖାଉଥିବା ଲୋକଙ୍କୁ ଦେଖିବେ । କିନ୍ତୁ ଆପଣ କ'ଣ ଜାଣନ୍ତି କି ଯେ ଏହି ଭାତ-ରୁଟି ଖାଇବାର ଏକ ସଠିକ ସମୟ ଅଛି । ପ୍ରକୃତରେ ଆଜିକାଲି ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ବଢ଼ିଛି । ଏହାର କାରଣ ହେଉଛି ଆମର ଅନିୟମିତ ଏବଂ ଖରାପ ଖାଦ୍ୟ ଅଭ୍ୟାସ । ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ରୁଟି ଏବଂ ଭାତ ଖାଇବା ଉଚିତ ନୁହେଁ।

ଲୋକମାନେ ନିଜ ରାତ୍ରୀଭୋଜନକୁ ନେଇ ଅଧିକ ସତର୍କ ରହିବା ଉଚିତ । ରାତିରେ ରାତ୍ରୀଭୋଜନ ଖାଇବା ପରେ କିଛି ଲୋକ ପ୍ରାୟତଃ ଶୋଇପଡ଼ନ୍ତି ଏବଂ ଶରୀର ଯାହା ଉତ୍ପନ୍ନ କରେ ତାହା ହଜମ କରିପାରନ୍ତି ନାହିଁ ଏବଂ ଏହା ଶରୀରକୁ ଅନେକ ପ୍ରଭାବିତ କରେ । ରାତ୍ରୀଭୋଜନରେ ଅତ୍ୟଧିକ ରୁଟି-ଭାତ ଖାଇବା ଦ୍ୱାରା ମେଦବହୁଳତା ବଢ଼ିପାରେ । ଏହା ଉଚ୍ଚ କ୍ୟାଲୋରିରେ ପରିପୂର୍ଣ୍ଣ ଯେଉଁଥିପାଇଁ ଶରୀରରେ ଚର୍ବିର ପରିମାଣ ବଢ଼ିପାରେ ଏବଂ ଆପଣ ମେଦବହୁଳତାର ଶିକାର ହୋଇପାରନ୍ତି । ରାତ୍ରୀଭୋଜନରେ ରୁଟି ଏବଂ ଭାତ ଖାଇବା ଦ୍ୱାରା ଶରୀରରେ ଶର୍କରା ବୃଦ୍ଧି ପାଏ । କାରଣ ଶରୀର ଏହି ଦୁଇଟି ଶସ୍ୟରେ ଥିବା କ୍ୟାଲୋରିକୁ



ଭାଙ୍ଗି ଶର୍କରାରେ ପରିଣତ କରେ ଯାହା ମଧୁମେହ ସୃଷ୍ଟି କରିପାରେ ।

ରାତିରେ ରୁଟି ଏବଂ ଭାତ ଖାଇବା ଦ୍ୱାରା ଶରୀର ନିରନ୍ତର ସେମାନଙ୍କୁ ହଜମ କରିବାରେ ନିୟୋଜିତ ରହିଥାଏ ଏବଂ ମସ୍ତିଷ୍କ ମଧ ଏହି କାର୍ଯ୍ୟରେ ସାମିଲ ରହିଥାଏ । ଏହି କାରଣରୁ ମସ୍ତିଷ୍କ ସାରା ରାତି ଜାଗ୍ରତ ରହିଥାଏ ଯାହା ଫଳରେ ଶରୀରକୁ ପୂର୍ଣ୍ଣ ନିଦ ହୁଏ ନାହିଁ । ଯଦି ଆପଣ ଆପଣଙ୍କ ଖାଦ୍ୟରେ ରୁଟି ଏବଂ ଭାତ ଖାଇବାକୁ ଚାହାନ୍ତି ତେବେ ସବୁଠାରୁ ଭଲ ସମୟ ହେଉଛି ମଧାହ୍ନ । ମଧାହ୍ନରେ ରୁଟି ଏବଂ ଭାତ ଖାଇବା ଦ୍ୱାରା ଶକ୍ତି ମିଳିଥାଏ । ରୁଟି ଏବଂ ଭାତ ଉଭୟ କାର୍ବୋହାଇଡ୍ରେଟର ଭଲ ଉତ୍ସ ଯାହା ଶରୀରକୁ ତୁରନ୍ତ ଏବଂ ନିରନ୍ତର ଶକ୍ତି ପ୍ରଦାନ କରେ । ଏହି ଦୁଇଟି ଶସ୍ୟ ଏହି ସମୟରେ ସହଜରେ ହଜମ ହୁଏ । ସନ୍ଧ୍ୟାରେ କିମ୍ବା ରାତିରେ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଧୀର ହୋଇପାରେ ।




ବିଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇ ବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁର୍ଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୂଲନ୍ତୁ ନାହିଁ । କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।

ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁର୍ଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ ।

ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା, ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ସବୁଠୁ ଭଲ ସାଙ୍ଗ, ବହି ପଢ଼ିବାକୁ ଭୁଲନ୍ତୁ ନାହିଁ । କାରଣ ଗୋଟେ ଭଲ ବହି ଜୀବନର ଅନେକ ଭଲ କଥା ଶିଖାଇଦିଏ , ବଞ୍ଚିବାର ବାଟ ଦେଖାଇଦେବାରେ ସହାୟକ ହୋଇଥାଏ ।




**ଭାଇରାଲ୍ ଇନଫେକ୍ସନରେ ସାଧାରଣତଃ ଆଣ୍ଟିବାୟୋଟିକ୍ ?ର ଆବଶ୍ୟକତା ନଥାଏ କାରଣ ସେଗୁଡ଼ିକ ଭାଇରସ୍ ଉପରେ ପ୍ରଭାବ ପକାନ୍ତି ନାହିଁ । ତଥାପି ଲୋକମାନେ ଏହାକୁ ବିନା କୌଣସି ସୂଚନାରେ ଖାଇଥା'ନ୍ତି ଯାହା ଇମ୍ୟୁନିଟି ସିଷ୍ଟମ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ ।**

ବାରମ୍ବାର ଆଣ୍ଟିବାୟୋଟିକ୍ ନେବା ଦ୍ୱାରା ଶରୀରର ପ୍ରାକୃତିକ ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ୍ ଇମ୍ୟୁନିଟି ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଆଣ୍ଟିବାୟୋଟିକ୍ସର କାମ ହେଉଛି ବ୍ୟାକ୍ଟେରିଆକୁ ଶେଷ କରିବା କିନ୍ତୁ ଏହା ଭଲ ବ୍ୟାକ୍ଟେରିଆକୁ ମଧ ମାରିଦିଏ ଯାହା ଆମ ଅନ୍ତ ଏବଂ ଇମ୍ୟୁନ ସିଷ୍ଟମକୁ ସୁସ୍ଥ ରଖିଥାଏ । ଏହାଦ୍ୱାରା ଆପଣଙ୍କ ଗଟ୍ ହେଲଥ୍ ଏବଂ ଇମ୍ୟୁନ ସିଷ୍ଟମ ଉଭୟ ପ୍ରଭାବିତ ହୋଇଥାଏ । ଡାକ୍ତରମାନଙ୍କର ପରାମର୍ଶ ହେଉଛି ଯେ ଆଣ୍ଟିବାୟୋଟିକ୍ ?ର ସେବନ କେବଳ ସେତେବେଳେ କରିବା ଉଚିତ୍ ଯେତେବେଳେ ଡାକ୍ତରଙ୍କ ଦ୍ୱାରା ପ୍ରେସ୍କ୍ରାଇବ୍ କରାଯାଏ । ଭାଇରାଲ୍ ଇନଫେକ୍ସନରେ ସାଧାରଣତଃ ଆଣ୍ଟିବାୟୋଟିକ୍ ?ର ଆବଶ୍ୟକତା ନଥାଏ କାରଣ ସେଗୁଡ଼ିକ ଭାଇରସ୍ ଉପରେ ପ୍ରଭାବ ପକାନ୍ତି ନାହିଁ । ତଥାପି ଲୋକମାନେ ଏହାକୁ ବିନା କୌଣସି ସୂଚନାରେ ଖାଇଥା'ନ୍ତି ଯାହା ଇମ୍ୟୁନିଟି ସିଷ୍ଟମ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ । ଯେତେବେଳେ ଆପଣ ବାରମ୍ବାର ଆଣ୍ଟିବାୟୋଟିକ୍ ନିଅନ୍ତି ସେତେବେଳେ ଶରୀରର ବ୍ୟାକ୍ଟେରିଆ ବିରୁଦ୍ଧରେ ଲଢ଼ିବାର କ୍ଷମତା ଧୀରେ ଧୀରେ କମିଯାଏ । ଏହାକୁ ଆଣ୍ଟିବାୟୋଟିକ୍ ରେସିଷ୍ଟାନ୍ସ କୁହାଯାଏ । ଏହାର ଅର୍ଥ ହେଉଛି ଯେ ଯେତେବେଳେ ଆପଣଙ୍କୁ ସତରେ ଆଣ୍ଟିବାୟୋଟିକ୍ର ଆବଶ୍ୟକତା ରହିବ ସେତେବେଳେ ତାହା କାମ କରିବ ନାହିଁ । ଏହି ସ୍ଥିତି ଇନଫେକ୍ସନକୁ ଆହୁରି ଅଧିକ ବିପଜ୍ଜନକ କରିପାରେ ।

ଦିଲ୍ଲୀର ଆରଏମଏଲ୍ ହସ୍ପିଟାଲରେ ମେଡିସିନ ବିଭାଗର ଡାକ୍ତର ପୁନୀତ କୁମାର କୁହନ୍ତି ଯେ ଆଣ୍ଟିବାୟୋଟିକ୍ ଔଷଧ ଶରୀରରେ ଥିବା ବ୍ୟାକ୍ଟେରିଆକୁ ମାରିବା କିମ୍ବା ସେମାନଙ୍କର ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଦିଆଯାଏ । ଏଗୁଡ଼ିକ କେବଳ ବ୍ୟାକ୍ଟେରିଆଲ୍ ଇନଫେକ୍ସନରେ କାମ କରନ୍ତି ଭାଇରାଲ୍ ଇନଫେକ୍ସନରେ ଯେପରିକି ଥଣ୍ଡା-କାଶ କିମ୍ବା ଫ୍ଲୁ ଏହାର କୌଣସି ପ୍ରଭାବ ନଥାଏ । କିନ୍ତୁ ଲୋକମାନେ ସୂଚନାର ଅଭାବରେ ଭାଇରାଲ୍ ରୋଗରେ ମଧ ଆଣ୍ଟିବାୟୋଟିକ୍ ନେଇଥା'ନ୍ତି । ଏହାଦ୍ୱାରା ଲାଭ ତ ମିଳେ ନାହିଁ କିନ୍ତୁ ଶରୀରରେ ଥିବା ଗୁଡ୍ ବ୍ୟାକ୍ଟେରିଆ ମଧ ମରିବାକୁ ଲାଗନ୍ତି ଯାହା ଆମର ଇମ୍ୟୁନିଟିକୁ ମଜଭୁତ କରି ରଖିଥାଏ ।

### ଆଣ୍ଟିବାୟୋଟିକ୍ ବ୍ୟବହାରର ସାଇଡ୍ ଇଫେକ୍ଟସ

ଅତ୍ୟଧିକ ଆଣ୍ଟିବାୟୋଟିକ୍ ବ୍ୟବହାରର ସାଇଡ୍ ଇଫେକ୍ଟସରେ ଡାଇରିଆ, ସ୍କିନ୍ ଆଲର୍ଜି, ପେଟ ଯନ୍ତ୍ରଣା ଏବଂ ଫଙ୍ଗଲ ଇନଫେକ୍ସନ ସାମିଲ ଅଛି । ଏହା ସହିତ ଏହା ଶରୀରରେ ଫୁଲା ଏବଂ ଦୁର୍ବଳତାର କାରଣ ମଧ ହୋଇପାରେ । ଲମ୍ବା ସମୟ ଧରି ଏପରି ଚାଲିଲେ ଇମ୍ୟୁନିଟି ଏତେ ଦୁର୍ବଳ



ହୋଇଯିବ ଯେ ଛୋଟ ରୋଗ ମଧ ଗମ୍ଭୀର ରୂପ ନେଇପାରେ ।

### ସାବଧାନତା ପାଇଁ କ'ଣ କରିବେ ?

- କୌଣସି ବି ଆଣ୍ଟିବାୟୋଟିକ୍ର ସେବନ କେବଳ ଡାକ୍ତରଙ୍କ ପରାମର୍ଶରେ କରନ୍ତୁ।
- ଭାଇରାଲ୍ ଜ୍ୱର କିମ୍ବା ସାମାନ୍ୟ ଥଣ୍ଡା-କାଶରେ ନିଜେ ଔଷଧ ନିଅନ୍ତୁ ନାହିଁ ।
- ଇମ୍ୟୁନିଟିକୁ ମଜଭୁତ କରିବା ପାଇଁ natural immunity boosters ଯେପରିକି ଭିଟାମିନ ସି, ତୁଳସୀ, ଅଦା, ହଳଦୀ, ଲେମ୍ବୁର ସେବନ କରନ୍ତୁ ।
- ହେଲଦୀ ଡାଏଟ୍, ପର୍ଯ୍ୟାପ୍ତ ନିଦ ଏବଂ ନିୟମିତ ବ୍ୟାୟାମକୁ ଜୀବନର ଏକ ଅଂଶ ବନାନ୍ତୁ ।

ଆଣ୍ଟିବାୟୋଟିକ୍ ଔଷଧ ଜରୁରୀ ହୋଇଥାଏ କିନ୍ତୁ ଏହାର ବ୍ୟବହାର ସେତେବେଳେ କରିବା ଉଚିତ୍ ଯେତେବେଳେ ପ୍ରକୃତରେ ଆବଶ୍ୟକତା ଥାଏ । ବାରମ୍ବାର ଏହାର ସେବନ ଆପଣଙ୍କ ଇମ୍ୟୁନିଟିକୁ ବିପଦରେ ପକାଇପାରେ ଏବଂ ଶରୀରକୁ ଲମ୍ବା ସମୟ ପର୍ଯ୍ୟନ୍ତ କ୍ଷତି ପହଞ୍ଚାଇପାରେ । ଯଦି ଆପଣ ଚାହୁଛନ୍ତି ଯେ ଆପଣଙ୍କର ଇମ୍ୟୁନ ସିଷ୍ଟମ ମଜଭୁତ ରହୁ ତେବେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ଉପରେ ଧ୍ୟାନ ଦିଅନ୍ତୁ ଏବଂ ଔଷଧର ବ୍ୟବହାର ଭାବିଚିନ୍ତି କରନ୍ତୁ ।

# ଖସୁଛି ଶିଳ୍ପ ଅଭିବୃଦ୍ଧି, ବଢୁଛି ଚିନ୍ତା

ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡ କୁହାଯାଉଥିବା ଆଠଟି ପ୍ରମୁଖ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ହାରରେ ଦେଖାଦେଇଥିବା ଆଶଙ୍କାଜନକ ହ୍ରାସ ବର୍ତ୍ତମାନ ଦେଶର ଅର୍ଥନୈତିକ ସ୍ଥିତି ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଫେବୃଆରୀ ମାସରେ ଏହି ଆଠଟି ମୂଳ ଶିଳ୍ପର ଅଭିବୃଦ୍ଧି ହାର ମାତ୍ର ୨.୩ ପ୍ରତିଶତକୁ ଖସିଆସିଛି, ଯାହାକି ଗତ ତିନି ମାସ ମଧ୍ୟରେ ସର୍ବନିମ୍ନ ଅଟେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦ୍‌ବେଗଜନକ ବିଷୟ ହେଉଛି ଯେ, ଏହି ମନ୍ଥରତା ପଶ୍ଚିମ ଏସିଆରେ ଆରମ୍ଭ ହୋଇଥିବା ସାମ୍ପ୍ରତିକ ଯୁଦ୍ଧ ଏବଂ ସଙ୍କଟ ପୂର୍ବରୁ ହିଁ ଦେଖାଦେଇଥିଲା । ଜାନୁଆରୀ ମାସରେ ଏହି କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ହାର ୪.୭ ପ୍ରତିଶତ ଥିବାବେଳେ ଗୋଟିଏ ମାସ ବ୍ୟବଧାନରେ ଏହା ସିଧାସଳଖ ଅଧା ହୋଇଯିବା ପ୍ରମାଣ କରୁଛି ଯେ ଭାରତୀୟ ଶିଳ୍ପ ଉତ୍ପାଦନରେ ଥିବା ସମସ୍ୟା କେବଳ ବାହ୍ୟ କାରଣ ଉପରେ ନିର୍ଭରଶୀଳ ନୁହେଁ, ବରଂ ଆଭ୍ୟନ୍ତରୀଣ ସ୍ତରରେ ମଧ୍ୟ ଅନେକ ଦୁର୍ବଳତା ରହିଛି। ଆମେ ଯଦି କେବଳ ପଶ୍ଚିମ ଏସିଆର ସଙ୍କଟକୁ ଏହି ଅର୍ଥନୈତିକ ଦୁର୍ବଳତାର ଏକମାତ୍ର କାରଣ ବୋଲି ଧରିନେବା, ତେବେ ତାହା ଏକ ଭୁଲ୍ ଆକଳନ ହେବ, କାରଣ ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଘରୋଇ ସ୍ତରରେ ତୈଳ ଏବଂ ଗ୍ୟାସ ଉତ୍ପାଦନ ଅନେକ ମାସ ଧରି ସଙ୍କୁଚିତ ଅବସ୍ଥାରେ ରହିଆସିଛି ।

ଏହି ଆଠଟି ପ୍ରମୁଖ କ୍ଷେତ୍ର ଯଥା କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ, ରିଫାଇନାରୀ ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ସାମଗ୍ରିକ ଶିଳ୍ପ ଉତ୍ପାଦନ ସୂଚକାଙ୍କର ଏକ ବଡ଼ ଅଂଶ ଗ୍ରହଣ କରିଥାନ୍ତି । ତେଣୁ ଏହି କ୍ଷେତ୍ରଗୁଡ଼ିକର ପ୍ରଦର୍ଶନ ସିଧାସଳଖ ଭାବରେ ଦେଶର ଜିଡିପି ଅଭିବୃଦ୍ଧିକୁ ପ୍ରଭାବିତ କରିଥାଏ । ଫେବୃଆରୀ ମାସର ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଶକ୍ତି କ୍ଷେତ୍ରର ଅବସ୍ଥା ସବୁଠାରୁ ନୈରାଶ୍ୟଜନକ ରହିଛି । ଅଶୋଧିତ ତୈଳ ଉତ୍ପାଦନ କ୍ରମାଗତ ଷଷ୍ଠ ମାସ ପାଇଁ ହ୍ରାସ ପାଇଛି ଏବଂ ଫେବୃଆରୀରେ ଏଥିରେ ୫.୨ ପ୍ରତିଶତ ସଙ୍କୋଚନ ଦେଖାଦେଇଛି । ସେହିପରି ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ମଧ୍ୟ ୫ ପ୍ରତିଶତ ହ୍ରାସ ଘଟିଛି, ଯାହାକି କ୍ରମାଗତ ଅନେକ ମାସ ଧରି ନକାରାତ୍ମକ ସ୍ଥିତିରେ ରହିଆସିଛି । ଏହା ବ୍ୟତୀତ ରିଫାଇନାରୀ ବା ବିଶୋଧନାଗାର ଉତ୍ପାଦ କ୍ଷେତ୍ରରେ ମଧ୍ୟ ହ୍ରାସ ଘଟିଛି । ଏହି ଆଭ୍ୟନ୍ତରୀଣ ଉତ୍ପାଦନ ହ୍ରାସ ଏମିତି ଏକ ସମୟରେ ଘଟିଛି ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବାର ଆଶଙ୍କା ରହିଛି । ଘରୋଇ ଉତ୍ପାଦନ କମିବା ଫଳରେ ଭାରତକୁ ଅଧିକ ପରିମାଣରେ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି, ଯାହା ବର୍ତ୍ତମାନର ଭୌଗୋଳିକ-ରାଜନୈତିକ ଅସ୍ଥିରତା ସମୟରେ ଅର୍ଥବ୍ୟବସ୍ଥା ଉପରେ ଦ୍ୱିଗୁଣିତ ଚାପ ପକାଇବ । ଅନ୍ୟପକ୍ଷରେ, ଯେଉଁ କେତୋଟି କ୍ଷେତ୍ର ସାମାନ୍ୟ ଭଲ ପ୍ରଦର୍ଶନ କରିଛନ୍ତି, ସେଗୁଡ଼ିକର ଅଭିବୃଦ୍ଧି ମଧ୍ୟ ପୂର୍ବ ମାସ ତୁଳନାରେ ମନ୍ଥର ହୋଇଯାଇଛି। ଅର୍ଥନୀତିଜ୍ଞମାନଙ୍କ ମତରେ ଏହି ମନ୍ଥରତା ଅତ୍ୟନ୍ତ ବ୍ୟାପକ ଅଟେ ଏବଂ କେବଳ ସିମେଣ୍ଟ ଓ ଇସ୍ପାତ କ୍ଷେତ୍ର ସନ୍ତୋଷଜନକ ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛନ୍ତି । ସିମେଣ୍ଟ କ୍ଷେତ୍ର ସର୍ବାଧିକ ୯.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲେ ମଧ୍ୟ ଏହା ଗତ ଚାରି ମାସ ମଧ୍ୟରେ ସର୍ବନିମ୍ନ ଅଟେ ଏବଂ ଏହା କ୍ରମାଗତ ତିନି ମାସର ଦୁଇ-ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଧାରାକୁ ଭାଙ୍ଗିଦେଇଛି। ସେହିପରି ଇସ୍ପାତ କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ଘଟିଛି, ଯାହାକି ଗତ ତିନି ମାସର ସର୍ବନିମ୍ନ ସ୍ତର । ଭିତ୍ତିଭୂମି ବିକାଶର ଏହି ଦୁଇଟି ପ୍ରମୁଖ ସ୍ତମ୍ଭର ଅଭିବୃଦ୍ଧି ହାର କମିବା ସୂଚାଉଛି ଯେ ନିର୍ମାଣ ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ମଧ୍ୟ ଚାହିଦା କିମ୍ବା କାର୍ଯ୍ୟକାରିତା ମନ୍ଥର ହେବାରେ ଲାଗିଛି । ସାର ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୩.୪ ପ୍ରତିଶତକୁ ଖସିଆସିଛି, ଯାହା ପାଞ୍ଚ ମାସର ସର୍ବନିମ୍ନ ସ୍ତର ଏବଂ ଗତ ବର୍ଷର ସମାନ ସମୟର ଉଚ୍ଚ ଆଧାର ତୁଳନାରେ ଯଥେଷ୍ଟ କମ୍ । କୋଇଲା କ୍ଷେତ୍ର ମାତ୍ର ୨.୩ ପ୍ରତିଶତ ଏବଂ ବିଦ୍ୟୁତ୍ କ୍ଷେତ୍ର ମାତ୍ର ୦.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛନ୍ତି । ବିଦ୍ୟୁତ୍ ଉତ୍ପାଦନରେ ଏତେ ବଡ଼ ଧରଣର ହ୍ରାସ ସିଧାସଳଖ ଭାବରେ ଶିଳ୍ପ କାରଖାନାଗୁଡ଼ିକରେ ଉତ୍ପାଦନ ହ୍ରାସକୁ ପ୍ରତିଫଳିତ କରୁଛି ।

ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ପଶ୍ଚିମ ଏସିଆର ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ସ୍ଥିତି । ଫେବୃଆରୀ ମାସର ଏହି ନୈରାଶ୍ୟଜନକ ତଥ୍ୟ ପରେ, ଆଗାମୀ ମାସଗୁଡ଼ିକରେ ସ୍ଥିତି ଆହୁରି ସଙ୍ଗୀନ ହେବାର ଆଶଙ୍କା କରାଯାଉଛି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଲାଗିରହିଥିବା ତିକ୍ତତା ଏବଂ ଯୁଦ୍ଧ ପରିସ୍ଥିତି କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ, ଏଲପିଜି ଏବଂ ଏଲଏନଜିର ଯୋଗାଣ ବାଧାପ୍ରାପ୍ତ ହୋଇଛି । ଭାରତ ନିଜର ଆବଶ୍ୟକତାର ଏକ ବଡ଼ ଅଂଶ ଆମଦାନୀ କରିଥାଏ । ତେଣୁ ଯେତେବେଳେ ଘରୋଇ ସ୍ତରରେ ଉତ୍ପାଦନ କ୍ରମାଗତ ଭାବରେ କମୁଛି ଏବଂ ଠିକ୍ ସେହି ସମୟରେ ବିଦେଶରୁ ଆମଦାନୀ କରିବା ମହଙ୍ଗା ଏବଂ କଷ୍ଟକର ହୋଇପଡୁଛି, ସେତେବେଳେ ଦେଶର ଅର୍ଥବ୍ୟବସ୍ଥା ଏକ ଦୋଛକିରେ ଆସି ଛିଡ଼ା ହୋଇଛି । ଏହି ସଙ୍କଟ ଯେତେ ଅଧିକ ଦିନ ଧରି ଲାଗିରହିବ, ଇନ୍ଧନ ଦର ସେତେ ଅଧିକ ବୃଦ୍ଧି ପାଇବ । ଇନ୍ଧନ ଦର ବୃଦ୍ଧି ପାଇଲେ ପରିବହନ ଖର୍ଚ୍ଚ ବଢ଼ିବ, ଯାହା ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଚାଲିଯିବାର ସମ୍ଭାବନା ରହିଛି । ଏହା କେବଳ ସାଧାରଣ ଖାଉଟିଙ୍କ ଉପରେ ବୋଝ ପକାଇବ ନାହିଁ, ବରଂ ଶିଳ୍ପ କ୍ଷେତ୍ର ପାଇଁ କଞ୍ଚାମାଲର ମୂଲ୍ୟ ମଧ୍ୟ ବୃଦ୍ଧି କରିବ, ଯାହା ଉତ୍ପାଦନକୁ ଆହୁରି ବାଧାଗ୍ରସ୍ତ କରିବ ।

ଏହି ସମସ୍ତ ତଥ୍ୟ ଏବଂ ପରିସ୍ଥିତିର ସାମଗ୍ରିକ ବିଶ୍ଳେଷଣ କଲେ ସ୍ପଷ୍ଟ ହୁଏ ଯେ ଆଗାମୀ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବା ସହଜ ହେବ ନାହିଁ । ଯଦିଓ ଘରୋଇ ବଜାରରେ ଚାହିଦା ଏବେ ମଧ୍ୟ କିଛି ମାତ୍ରାରେ ଦୃଢ଼ ରହିଛି, ତଥାପି ଯୋଗାଣ ସ୍ତରରେ ଥିବା ଏହି ବାଧାବିଘ୍ନଗୁଡ଼ିକ ଅଭିବୃଦ୍ଧିର ଗତିକୁ ରୋକିଦେବ । ଅର୍ଥନୀତିଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ ପଶ୍ଚିମ ଏସିଆ ସଙ୍କଟର ପ୍ରଭାବ ଦୀର୍ଘସ୍ଥାୟୀ ହେଲେ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଏହାର ବ୍ୟାପକ ନକାରାତ୍ମକ ପ୍ରଭାବ ପଡ଼ିବ । ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏହା ଏକ ସତର୍କ ଘଣ୍ଟି । କେବଳ ବାହ୍ୟ ପରିସ୍ଥିତିକୁ ଦୋଷ ଦେଇ ବସିରହିଲେ ଚଳିବ ନାହିଁ । ଆମକୁ ଆମର ଆଭ୍ୟନ୍ତରୀଣ ଉତ୍ପାଦନ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ଚିହ୍ନଟ କରି ସୁଧାରିବାକୁ ପଡ଼ିବ । ବିଶେଷ କରି ତୈଳ ଏବଂ ପ୍ରାକୃତିକ ଗ୍ୟାସର ଘରୋଇ ଉତ୍ପାଦନ ବୃଦ୍ଧି କରିବା ପାଇଁ ନୂତନ ଜ୍ଞାନକୌଶଳର ବ୍ୟବହାର ଏବଂ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ । ଏହା ସହିତ ବିକଳ୍ପ ଶକ୍ତି ଉତ୍ସଗୁଡ଼ିକର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ଯାହାଦ୍ୱାରା ଭବିଷ୍ୟତରେ ଆମଦାନୀ ଉପରେ ନିର୍ଭରଶୀଳତା କମିପାରିବ। ଏହି ସମସ୍ୟାର ସମାଧାନ ପାଇଁ କେବଳ ଦୀର୍ଘମିଆଦି ଯୋଜନା ନୁହେଁ, ବରଂ ସ୍ୱଳ୍ପମିଆଦି ପଦକ୍ଷେପ ମଧ୍ୟ ଆବଶ୍ୟକ । ସରକାରଙ୍କୁ ଶିଳ୍ପ କ୍ଷେତ୍ରଗୁଡ଼ିକୁ ସହାୟତା ପ୍ରଦାନ କରିବା ପାଇଁ କିଛି ରିହାତି କିମ୍ବା ଟିକସ ଛାଡ଼ ଭଳି ପଦକ୍ଷେପ ଉପରେ ବିଚାର କରିବାକୁ ପଡ଼ିପାରେ । ଏହା ସହିତ ରପ୍ତାନିକୁ ପ୍ରୋତ୍ସାହିତ କରିବା ଏବଂ ଘରୋଇ ବଜାରରେ ନିବେଶ ବୃଦ୍ଧି କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଦରକାର । ଯେତେବେଳେ ଆନ୍ତର୍ଜାତୀୟ ସ୍ତରରେ ଅସ୍ଥିରତା ଥାଏ, ସେତେବେଳେ ଆଭ୍ୟନ୍ତରୀଣ ଅର୍ଥନୀତିକୁ ମଜବୁତ କରିବା ହିଁ ଏକମାତ୍ର ବିକଳ୍ପ ହୋଇଥାଏ । ଭାରତର ବିଶାଳ ଜନସଂଖ୍ୟା ଏବଂ ବଢୁଥିବା ମଧ୍ୟବିତ୍ତ ଶ୍ରେଣୀ ଏକ ବଡ଼ ବଜାର ସୃଷ୍ଟି କରୁଛନ୍ତି, ଯାହାକି ଅର୍ଥବ୍ୟବସ୍ଥାକୁ ସମ୍ଭାଳିବାରେ ସାହାଯ୍ୟ କରିପାରିବ । କିନ୍ତୁ ଏଥିପାଇଁ ଉତ୍ପାଦନ କ୍ଷେତ୍ରର ସୁଦୃଢ଼ୀକରଣ ନିହାତି ଆବଶ୍ୟକ। ଯଦି ଉତ୍ପାଦନ ବୃଦ୍ଧି ନପାଏ, ତେବେ ବର୍ଦ୍ଧିତ ଚାହିଦା କେବଳ ମୁଦ୍ରାସ୍ଫୀତିକୁ ବଢ଼ାଇବ।

ପରିଶେଷରେ, ଫେବୃଆରୀ ମାସର ଆଠଟି ପ୍ରମୁଖ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ହାର ଅଧା ହୋଇଯିବା ଏକ ସାମୟିକ ସମସ୍ୟା ନୁହେଁ, ବରଂ ଏହା ଏକ ଗଭୀର ଗଠନମୂଳକ ସମସ୍ୟାର ସୂଚନା ଦେଉଛି । ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ପଡ଼ିବ ଯେପରି ଶିଳ୍ପ କ୍ଷେତ୍ରଗୁଡ଼ିକୁ ଆବଶ୍ୟକୀୟ କଞ୍ଚାମାଲ ଏବଂ ଶକ୍ତି ସୁଲଭ ମୂଲ୍ୟରେ ମିଳିପାରିବ । ରିଜର୍ଭ ବ୍ୟାଙ୍କ ଏବଂ ଅର୍ଥ ମନ୍ତ୍ରଣାଳୟକୁ ମିଳିତ ଭାବରେ ଏପରି ନୀତି ପ୍ରଣୟନ କରିବାକୁ ହେବ ଯାହା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ସହିତ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ପଶ୍ଚିମ ଏସିଆର ଯୁଦ୍ଧ କେବେ ଶେଷ ହେବ ତାହା କାହାକୁ ଜଣାନାହିଁ, କିନ୍ତୁ ନିଜ ଘରର ମୂଳଦୁଆକୁ ମଜବୁତ କରିବା ଆମ ନିଜ ହାତରେ ଅଛି । ଯଦି ସମୟ ଥାଉଥାଉ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ଭାରତୀୟ ଅର୍ଥବ୍ୟବସ୍ଥାକୁ ଏକ ଗଭୀର ମାନ୍ଦାବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିପାରେ, ଯାହାର ପ୍ରଭାବ ସାଧାରଣ ନାଗରିକଙ୍କ ଠାରୁ ଆରମ୍ଭ କରି ବୃହତ୍ ଶିଳ୍ପପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପଡ଼ିବ । ଏହି ପରିପ୍ରେକ୍ଷୀରେ ନୀତିଗତ ସଂସ୍କାର ଏବଂ ଆଭ୍ୟନ୍ତରୀଣ ଉତ୍ପାଦନ ବୃଦ୍ଧି ହିଁ ଏକମାତ୍ର ସ୍ଥାୟୀ ସମାଧାନର ପଥ ।



# ଆମକୁ କାଠ ଚୁଲି ଏବଂ ଘଷି ନିଆଁକୁ ଫେରିବାକୁ ପଡିବ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଆଜିର ସମୟରେ, ମାନବ ସମାଜ ଦ୍ରୁତ ଗତିରେ ଅଗ୍ରଗତି କରିଛି । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଆମ ଜୀବନକୁ ସହଜ ଏବଂ ସୁବିଧାଜନକ କରିଛି। ଗ୍ୟାସ ଚୁଲି, ଇଣ୍ଡକ୍ସନ ଚୁଲି ଏବଂ ମାଇକ୍ରୋୱେଭ ଚୁଲି ଭଳି ଆଧୁନିକ ଉପକରଣ ଆମର ରୋଷେଇ ପଦ୍ଧତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। କିନ୍ତୁ ଏହି ସୁବିଧାଜନକ ଜୀବନ ମଧ୍ୟରେ, ଏକ ପ୍ରଶ୍ନ ଉଠେ: ଆମକୁ ପୁରୁଣା ଧାରାର କାଠ ଚୁଲି ଏବଂ କୋଇଲା ନିଆଁକୁ ଫେରିବାକୁ ପଡିବ କି ? ଏହା କେବଳ ଏକ ସରଳ ପ୍ରଶ୍ନ ନୁହେଁ, ଏହା ପରିବେଶ, ସ୍ୱାସ୍ଥ୍ୟ, ଅର୍ଥନୀତି ଏବଂ ସାମାଜିକ ଜୀବନ ସହିତ ଗଭୀର ଭାବରେ ଜଡିତ। ପ୍ରାଚୀନ କାଳରେ ଲୋକମାନେ କାଠ ଚୁଲିରେ ଖାଦ୍ୟ ରାନ୍ଧୁଥିଲେ। କୋଇଲା, ଶୁଖିଲା କାଠ, ପତ୍ର ଏବଂ ଗୋବରକୁ ଇନ୍ଧନ ଭାବରେ ବ୍ୟବହାର କରାଯାଉଥିଲା। କାରଣ ଏଗୁଡ଼ିକ ସହଜରେ ଉପଲବ୍ଧ ଥିଲା, ଏହା ସୁବିଧାଜନକ ଏବଂ ସୁଲଭ ଥିଲା। ଏହି ପଦ୍ଧତି ଏବେ ବି ଗ୍ରାମାଞ୍ଚଳରେ ପ୍ରଚଳିତ। କାଠ ଚୁଲିରେ ରନ୍ଧା ଖାଦ୍ୟର ଏକ ସ୍ୱତନ୍ତ୍ର ସ୍ୱାଦ ଅଛି ଯାହା ଆଧୁନିକ ଚୁଲିରେ ପାଇବା କଷ୍ଟକର। ଏହି ସ୍ୱାଦ ଏବଂ ପ୍ରାକୃତିକ ସୁଗନ୍ଧ ଆମକୁ ଗ୍ରାମ ସଂସ୍କୃତିର ମନେ ପକାଇଥାଏ। ତଥାପି, ଆଧୁନିକ ସମୟରେ, ଗ୍ୟାସ ଏବଂ ବୈଦ୍ୟୁତିକ ଚୁଲିର ଆଗମନ ସହିତ, ଲୋକମାନେ କାଠ ଚୁଲିକୁ ପରିତ୍ୟାଗ କରିଥିଲେ କାରଣ ସେଗୁଡ଼ିକ ଶୀଘ୍ର ଏବଂ ସୁବିଧାଜନକ ଥିଲା। କାଠ ଚୁଲି ପୂର୍ବରୁ ଜଳାଇବା, ଧୂମପାନ କରିବା ଏବଂ ଏଥିରେ ଲଗାତାର ଇନ୍ଧନ ଯୋଡିବା ଏକ କଷ୍ଟକର କାମ ଥିଲା। ମହିଳାମାନେ ଏଥିରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଧୂଆଁ ଯୋଗୁଁ ଶ୍ୱାସକ୍ରିୟା ରୋଗ, ଆଖି ସମସ୍ୟା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ, ଲୋକମାନେ ଆଧୁନିକ ଚୁଲିର ଆଗମନକୁ ସ୍ୱାଗତ କରିଥିଲେ।

ବର୍ତ୍ତମାନ, ମଧ୍ୟପ୍ରାଚ୍ୟରେ ଯେଉଁ ଯୁଦ୍ଧ ଚାଲିଛି ତାହା ଏକ ଚିନ୍ତାଜନକ ବିଷୟ ଏବଂ ଏହି ଯୁଦ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ। ମଧ୍ୟପ୍ରାଚ୍ୟ ବିଶ୍ୱରେ ତୈଳ ଏବଂ ଇନ୍ଧନ ଗ୍ୟାସ ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର ଭାବରେ ଜଣାଶୁଣା। ଯଦି ଏହି ଅଞ୍ଚଳରେ କୌଣସି ସଂଘର୍ଷ କିମ୍ବା ଯୁଦ୍ଧ ଜାରି ରହେ, ତେବେ ଏହା ସିଧାସଳଖ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବ। ଇରାନ, ଇରାକ ଏବଂ ସାଉଦି ଆରବ ଭଳି ଦେଶ ପ୍ରାକୃତିକ ଗ୍ୟାସ ଏବଂ ପେଟ୍ରୋଲିୟମର ପ୍ରମୁଖ ଯୋଗାଣକାରୀ। ଯୁଦ୍ଧ ସମୟରେ, ଉତ୍ପାଦନ ଏବଂ ପରିବହନ ଉଭୟ ବାଧାପ୍ରାପ୍ତ ହୋଇଥାଏ । ଉଦାହରଣ ସ୍ୱରୂପ, ଯଦି ହରମୁଜ୍ ପ୍ରଣାଳୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଅବରୋଧିତ ହୁଏ, ତେବେ ତେଲ ଏବଂ ଗ୍ୟାସ ଯୋଗାଣ ଗୁରୁତର ଭାବରେ ପ୍ରଭାବିତ ହେବ । ଫଳସ୍ୱରୂପ, ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଏ ଏବଂ ଅନେକ ଦେଶ ଇନ୍ଧନ ଅଭାବର ସମ୍ମୁଖୀନ ହୁଅନ୍ତି। ଭାରତ ଭଳି ଦେଶ, ଯେଉଁମାନେ ଏହି ଦେଶଗୁଡ଼ିକରୁ ବହୁ ପରିମାଣରେ ତେଲ ଏବଂ ଗ୍ୟାସ ଆମଦାନୀ କରନ୍ତି, ବିଶେଷ ଭାବରେ ପ୍ରଭାବିତ ହେବେ। ଯଦି ଗ୍ୟାସ ମୂଲ୍ୟ ବୃଦ୍ଧି ପାଏ, ତେବେ ରନ୍ଧନ ଗ୍ୟାସ, ବିଦ୍ୟୁତ ଉତ୍ପାଦନ ଏବଂ ଶିଳ୍ପର ମୂଲ୍ୟ ବୃଦ୍ଧି ପାଇବ। ଏହା ସାଧାରଣ ଲୋକଙ୍କ ଜୀବିକା ମଧ୍ୟ ବୃଦ୍ଧି କରିବ। ଏହି ସମସ୍ୟାର ସମାଧାନ ପାଇଁ, ଦେଶଗୁଡ଼ିକ କାଠ, ଗୋବର ଜାଳେଣି ଏବଂ କୋଇଲା ବ୍ୟତୀତ ସୌର ଶକ୍ତି, ପବନ ଶକ୍ତି ଏବଂ ବାୟୋଗ୍ୟାସ୍ ଭଳି ଅନ୍ୟାନ୍ୟ ଇନ୍ଧନ ଉତ୍ସଗୁଡ଼ିକ ଉପରେ ଲୋକେ ଧ୍ୟାନ ଦେବେ। ତଥାପି, ଆଜିର ପରିସ୍ଥିତିରେ, ଆମେ ଦେଖୁଛୁ ଯେ ପେଟ୍ରୋଲିୟମ୍ ଏବଂ ଗ୍ୟାସ୍ ଭଳି ଇନ୍ଧନ ସୀମିତ। ସେମାନଙ୍କର ମୂଲ୍ୟ ବୃଦ୍ଧି ପାଉଛି, ଏବଂ ସମଗ୍ର ବିଶ୍ୱ ସେମାନଙ୍କ ଉପରେ ନିର୍ଭରଶୀଳ। ଯଦି ଏହି ସମ୍ପଦଗୁଡ଼ିକ କ୍ଷୟ ପାଏ ବା କୌଣସି କାରଣରୁ ବନ୍ଦ ହୋଇଯାଏ, ତେବେ ଆମେ ପୁରୁଣା ବ୍ୟବସ୍ଥାକୁ ଫେରିବାକୁ ବାଧ ହେବୁ। ଏହା ଏକ ବଡ଼ ଚିନ୍ତାର ବିଷୟ। ସେହିପରି, ଇନ୍ଧନ ଜାଳିବା ପରିବେଶକୁ ପ୍ରଦୂଷିତ କରେ, ଯାହା ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ।

ଏହି ପରିସ୍ଥିତିରେ, କିଛି ଲୋକ ଭାବୁଛନ୍ତି ଯେ ଆମେ କାଠ ଚୁଲିକୁ ଫେରିଯିବା ଉଚିତ। କିନ୍ତୁ ଏହାର ନକାରାତ୍ମକ ପରିଣାମ ମଧ୍ୟ ଅଛି। କାଠର ଅତ୍ୟଧିକ ବ୍ୟବହାର ବନ୍ୟ ପ୍ରାଣୀଙ୍କ ବିଲୁପ୍ତିର କାରଣ ହେବ। ଜଙ୍ଗଲ କାଟିବା ପରିବେଶଗତ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିବ, ପଶୁ ଏବଂ ପକ୍ଷୀଙ୍କ ବାସସ୍ଥାନକୁ ନଷ୍ଟ କରିବ। ଏହା ଆମ ଗ୍ରହ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି, କୋଇଲା ବ୍ୟବହାର କରିବା ସହଜ ନୁହେଁ। ଏଥିପାଇଁ ବହୁତ ସମୟ ଏବଂ ପ୍ରୟାସ ଆବଶ୍ୟକ। ଆଜିର ଦ୍ରୁତ ଗତିଶୀଳ ଜୀବନରେ, ଲୋକମାନେ ଏତେ ସମୟ ଦେବାକୁ ଇଚ୍ଛୁକ ନୁହଁନ୍ତି। ତେଣୁ, ପୁରୁଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଫେରିବା ସମ୍ଭବ ନୁହେଁ। ତଥାପି, ଏହାର ଅର୍ଥ ନୁହେଁ ଯେ ଆମେ ପୁରୁଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ଉଚିତ। ଆମେ କାଠ ଚୁଲାର କିଛି ସକାରାତ୍ମକ ଦିଗକୁ ଆଧୁନିକ ସମୟ ସହିତ ସଂଯୁକ୍ତ କରିପାରିବା, ଯେପରିକି ଧୂଆଁ ହ୍ରାସ କରୁଥିବା ଏବଂ ଇନ୍ଧନ ସଞ୍ଚୟ କରୁଥିବା ଉନ୍ନତ ଚୁଲା ବ୍ୟବହାର କରିବା। ସେହିପରି, ବାୟୋମାସ ଏବଂ ସୌରଶକ୍ତି ପରି ନବୀକରଣୀୟ ଶକ୍ତି ଉତ୍ସ ବ୍ୟବହାର କରିବା ପରିବେଶକୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରିବ। ଗ୍ରାମାଞ୍ଚଳର ଲୋକମାନେ ଏବେ ବି କାଠ ଚୁଲା ବ୍ୟବହାର କରନ୍ତି, କିନ୍ତୁ ସେଠାରେ ମଧ୍ୟ, ଉନ୍ନତ ବ୍ୟବସ୍ଥା ଆବଶ୍ୟକ। ସରକାର ଏବଂ ସମାଜକୁ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପଡିବ। ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ କେଉଁ ବ୍ୟବସ୍ଥା ଭଲ ସେ ବିଷୟରେ ଲୋକଙ୍କୁ ଅବଗତ କରାଇବା ଆବଶ୍ୟକ। ଆମକୁ ଏହି ସମସ୍ୟା ପ୍ରତି ଏକ ସାମଗ୍ରିକ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପଡିବ। ଆଧୁନିକ ଏବଂ ପାରମ୍ପରିକ ବ୍ୟବସ୍ଥା ମଧ୍ୟରେ ସନ୍ତୁଳନ ରକ୍ଷା କରି ଆମେ ଏକ ଭଲ ଜୀବନ ବଞ୍ଚିପାରିବା। ଆମକୁ ପୁରୁଣା ବ୍ୟବସ୍ଥାର ଲାଭକୁ ଚିହ୍ନିବା ଏବଂ ଆଧୁନିକ ବିଜ୍ଞାନର ସାହାଯ୍ୟ ନେବା ଉଚିତ। ପୁଣି, ଆମ ପାଇଁ ସମ୍ପୂର୍ଣ୍ଣ ଭାବରେ କାଠ ଚୁଲା ଏବଂ ଗ୍ୟାସ ଜାଳିବା ପାଇଁ ଫେରିବା ଠିକ୍ ନୁହେଁ, କାରଣ ଏହା ଗ୍ରାମାଞ୍ଚଳରେ କିଛି ପରିମାଣରେ ସମ୍ଭବ, କିନ୍ତୁ ଆଧୁନିକ ସହରାଞ୍ଚଳରେ କଷ୍ଟକର। କିନ୍ତୁ ସେମାନଙ୍କର ମୂଲ୍ୟ ଏବଂ ଗୁରୁତ୍ୱକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଆମକୁ ସେମାନଙ୍କର ଏ ପନ୍ଥାକୁ ଗ୍ରହଣ କରିବାକୁ ପଡିବ ଏବଂ ଆଧୁନିକ ଜୀବନରେ ସେଗୁଡ଼ିକୁ ଗ୍ରହଣ କରିବାକୁ ପଡିବ। ଏହା ଏକ ସୁସ୍ଥ, ନିରାପଦ ଏବଂ ସ୍ଥାୟୀ ଜୀବନ ଆଣିପାରିବ ଏବଂ ତୈଳ ସମସ୍ୟାରୁ ମୁକ୍ତି ମଧ୍ୟ ପାଇପାରିବ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬



# ଡିଜିଟାଲ ଦୁନିଆରେ ମହିଳାଙ୍କ ମର୍ଯ୍ୟାଦା ଓ ବିଷାକ୍ତ ମାନସିକତା

## ଅଖିଳ ତରାଇ

ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଆତ୍ମପ୍ରକାଶର ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି। କିନ୍ତୁ ଏହି ମାଧ୍ୟମ ଯେତିକି ଗଣତାନ୍ତ୍ରିକ, ସେତିକି ଅସଂଯତ ମଧ୍ୟ। ନିକଟରେ ଉତ୍ତରପ୍ରଦେଶର ଜଣେ ମହିଳା ଆଇପିଏସ ଅଧିକାରୀଙ୍କ ସହ ଘଟିଥିବା 'ଅନଲାଇନ୍ ବଡି ସେମିଂ' ଘଟଣା ଆମ ସମାଜର ଏକ ଅନ୍ଧକାର ଦିଗକୁ ଉନ୍ମୋଚିତ କରିଛି। ଯେଉଁଠାରେ ଜଣେ ମହିଳାଙ୍କ ଦକ୍ଷତା, ସାହସ ଏବଂ ସାମାଜିକ ପ୍ରତିଷ୍ଠା ଅପେକ୍ଷା ତାଙ୍କର ଶାରୀରିକ ଗଠନକୁ ନେଇ ସମାଲୋଚନା କରିବାକୁ କିଛି ଗୋଷ୍ଠୀ ଅଧିକ ଗୁରୁତ୍ୱ ଦେଉଛନ୍ତି, ତାହା ପ୍ରକୃତରେ ଦୁର୍ଭାଗ୍ୟଜନକ ।

ଘଟଣାଟି ଥିଲା ମାର୍ଚ୍ଚ ୧୩ ତାରିଖର। ମିର୍ଜାପୁର ପୋଲିସ ଏକ ବଡ଼ ସଫଳତା ପାଇଥିଲା, ଯେତେବେଳେ ଜଣେ ୨୫ ହଜାର ଟଙ୍କାର ପୁରସ୍କାର ଘୋଷିତ ଦୁର୍ଦ୍ଧାନ୍ତ ଗୋ-ତସ୍କରକୁ ଗିରଫ କରାଯାଇଥିଲା। ଏହି ସଫଳତା ବିଷୟରେ ସୂଚନା ଦେବା ପାଇଁ ମହିଳା ଆଇପିଏସ ଅଧିକାରୀଙ୍କ ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ। ପୋଲିସ ବିଭାଗର ନିୟମିତ ପ୍ରକ୍ରିୟା ଅନୁଯାୟୀ ଏହାକୁ ଅଧିକାରିକ ସୋସିଆଲ ମିଡିଆ ପୃଷ୍ଠାରେ ସ୍ଥାନ ଦିଆଯାଇଥିଲା। କିନ୍ତୁ ବିଷୟବସ୍ତୁ ଉପରେ ଚର୍ଚ୍ଚା କରିବା ପରିବର୍ତ୍ତେ, ଅନେକ ଉପଭୋକ୍ତା ଇନଷ୍ଟାଗ୍ରାମରେ ମହିଳା ଆଇପିଏସ ଅଧିକାରୀଙ୍କ ଶରୀର ଏବଂ ଚେହେରାକୁ ନେଇ କୁତ୍ସିତ ଟ୍ରୋଲିଂ ଆରମ୍ଭ କରିଦେଲେ। ଭିଡିଓଟି ୪୦ ଲକ୍ଷରୁ ଅଧିକ ଥର ଦେଖାଯାଇଥିଲେ ହେଁ, ସେଥିରେ ଥିବା ପ୍ରାୟ ୧୧ ହଜାରରୁ ଅଧିକ ମନ୍ତବ୍ୟରୁ ଅଧିକାଂଶ ଥିଲା ଅପମାନଜନକ। ଅତିଷ୍ଠ ହୋଇ ପୋଲିସ ପ୍ରଶାସନକୁ ଶେଷରେ କମେଣ୍ଟ ବକ୍ସ ବନ୍ଦ କରିବାକୁ ପଡ଼ିଲା।

ଜଣେ ବ୍ୟକ୍ତି ଯେତେବେଳେ ଆଇପିଏସ ଭଳି ଏକ ସମ୍ମାନଜନକ ପଦବୀରେ ଅଧିଷ୍ଠିତ ହୁଅନ୍ତି ସେଠାରେ ତାଙ୍କର ବର୍ଷ ବର୍ଷର କଠିନ ପରିଶ୍ରମ, ମେଧା ଏବଂ ନିଷ୍ଠା ଥାଏ । କିନ୍ତୁ ସୋସିଆଲ ମିଡିଆର ଏକ ବଡ଼ ଗୋଷ୍ଠୀ ଏସବୁକୁ ଅଣଦେଖା କରି କେବଳ 'ବାହ୍ୟ ସୌନ୍ଦର୍ଯ୍ୟ' କୁ ମାନଦଣ୍ଡ ଭାବେ ଗ୍ରହଣ କରୁଛନ୍ତି । 'ବଡି ସେମିଂ' ବା ଶରୀରକୁ ନେଇ କଟାକ୍ଷ କରିବା କେବଳ ମଜା ନୁହେଁ, ବରଂ ଏହା ଏକ ପ୍ରକାର ମାନସିକ ହିଂସା । ଜଣେ ମହିଳା ଅଧିକାରୀ ଯିଏ ହଜାର ହଜାର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଶିକ୍ଷିତ ସେ ଯଦି ଅଜ୍ଞାତ ୟୁଜର୍ସଙ୍କ ଅଶାଳୀନ ମନ୍ତବ୍ୟ ଯୋଗୁଁ ନିଜର କମେଣ୍ଟ ବକ୍ସ ବନ୍ଦ କରିବାକୁ ବାଧ ହେଉଛନ୍ତି ତେବେ ବୁଝିବାକୁ ହେବ ଯେ ଆମର ଡିଜିଟାଲ ସଂସ୍କୃତି କେତେ ନିମ୍ନଗାମୀ ହୋଇଛି । ଅନଲାଇନ୍ ଟ୍ରୋଲିଂ କେବଳ ଅକ୍ଷର କିମ୍ବା ଶବ୍ଦରେ ସୀମିତ ରହେ ନାହିଁ ଏହା ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ଲକ୍ଷ ଲକ୍ଷ ଲୋକଙ୍କ ସମ୍ମୁଖରେ ଅପମାନିତ ହୁଅନ୍ତି ସେତେବେଳେ ସେ ଆତ୍ମବିଶ୍ୱାସ ହରାଇବା ସ୍ୱାଭାବିକ । ଜଣେ ମହିଳା ଆଇପିଏସ ଅଧିକାରୀ ଯିଏ ଶୃଙ୍ଖଳା ଏବଂ ନୈତିକତାର ପ୍ରତୀକ, ତାଙ୍କୁ ମଧ୍ୟ ଏହି ବିଷାକ୍ତ ମାନସିକତା ଚୁପ୍ ରହିବାକୁ ବାଧ କରୁଛି । ଏହା ସ୍ପଷ୍ଟ କରୁଛି ଯେ ଡିଜିଟାଲ ଦୁନିଆରେ 'ଭିଡ଼ର ମାନସିକତା' ଅତ୍ୟନ୍ତ ଭୟଙ୍କର । ଏଠାରେ ଜଣେ ବ୍ୟକ୍ତିଙ୍କୁ ଅତି ସହଜରେ ବିଚାର କରିଦିଆଯାଏ ଏବଂ ବିନା ଦୋଷରେ ଦଣ୍ଡିତ କରାଯାଏ ।

ଏହି ପରିପ୍ରେକ୍ଷୀରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଗୁଡ଼ିକର ଭୂମିକା ମଧ୍ୟ ସନ୍ଦେହଜନକ । ଆଲଗୋରିଦମ କେବଳ 'ଭ୍ୟୁ' ଏବଂ 'ସେୟାର' ବଢ଼ାଇବା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଅଶାଳୀନ ଏବଂ ଅପମାନଜନକ କମେଣ୍ଟ ଗୁଡ଼ିକୁ ରୋକିବାରେ ଏହା ବିଫଳ ହେଉଛି । ଯଦି ଜଣେ ଅଧିକାରୀଙ୍କୁ ନିଜ କମେଣ୍ଟ ସେକ୍ସନ ବନ୍ଦ କରିବାକୁ ପଡୁଛି, ତେବେ ଏହା ସେହି ପ୍ଲାଟଫର୍ମର ନିରାପତ୍ତା ବ୍ୟବସ୍ଥା ଉପରେ ଏକ ବଡ଼ ବିଫଳତା । ବଡି ସେମିଂ ଏବଂ ସାଇବର ବୁଲିଙ୍ଗ ବିରୁଦ୍ଧରେ କଠୋର ନିୟମ ଓ ସ୍ୱୟଂଚାଳିତ ଫିଲ୍ଟରିଂ ବ୍ୟବସ୍ଥା ରହିବା ଏକାନ୍ତ ଆବଶ୍ୟକ । ଏହି ଘଟଣା କେବଳ ଜଣେ ବ୍ୟକ୍ତିବିଶେଷଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ଏହା ସମଗ୍ର ନାରୀ ଜାତିର ସମ୍ମାନ ଉପରେ ଆଘାତ । ଯଦି ଜଣେ ଶକ୍ତିଶାଳୀ ପଦବୀରେ ଥିବା ମହିଳା ସାଇବର ବୁଲିଙ୍ଗରୁ ରକ୍ଷା ପାଇପାରୁ ନାହାନ୍ତି, ତେବେ ଗାଁ ଗହଳିର ଜଣେ ସାଧାରଣ ଝିଅ ବା କର୍ମଜୀବୀ ମହିଳାଙ୍କ ସ୍ଥିତି କ'ଣ ହୋଇଥିବ ତାହା ସହଜରେ ଅନୁମେୟ । ସୋସିଆଲ ମିଡିଆରେ ଅନେକ ସମୟରେ ଲୋକମାନେ ନିଜର ପରିଚୟ ଲୁଚାଇ ଅନ୍ୟକୁ ଗାଳିଗୁଲଜ କରିବାକୁ ଏକ ଅଧିକାର ଭାବେ ଗ୍ରହଣ କରି ନେଇଛନ୍ତି। ଏହି 'ଭର୍ଚୁଆଲ ମବ୍' ବା ଡିଜିଟାଲ ଗୋଷ୍ଠୀ ଶୃଙ୍ଖଳାର ସୀମା ଲଂଘିବାକୁ ପଛାଉ ନାହାନ୍ତି

ଆମ ସମାଜରେ ମହିଳାମାନଙ୍କୁ ସର୍ବଦା ସେମାନଙ୍କର ରୂପ ଏବଂ ଶରୀର ମାଧ୍ୟମରେ ବିଚାର କରାଯାଇ ଆସିଛି । ଏହି ପୁରୁଷତାନ୍ତ୍ରିକ ମାନସିକତା ଏବେ ଡିଜିଟାଲ ମାଧ୍ୟମକୁ ବ୍ୟାପିଛି । ପିଲାମାନଙ୍କୁ ପିଲାଦିନରୁ 'ଡିଜିଟାଲ ଏଟିକ୍ସ' ବା ଇଣ୍ଟରନେଟ୍ ବ୍ୟବହାରର ସଠିକ୍ ପଦ୍ଧତି ଶିଖାଇବା ଆବଶ୍ୟକ । ଅନ୍ୟର ଶାରୀରିକ ତ୍ରୁଟି ବା ଗଠନକୁ ନେଇ କଟାକ୍ଷ କରିବା ଯେ ଏକ ଅପରାଧ ତାହା ସ୍କୁଲ ଏବଂ ପରିବାର ସ୍ତରରୁ ଶିକ୍ଷା ଦିଆଯିବା ଉଚିତ । ସାହିତ୍ୟ, କଳା ଏବଂ ମନୋରଞ୍ଜନ ମାଧ୍ୟମରେ ମଧ୍ୟ ଏହି ବାର୍ତ୍ତା ପହଞ୍ଚିବା ଦରକାର ଯେ ବ୍ୟକ୍ତିର ବ୍ୟକ୍ତିତ୍ୱ ତା'ର ଚେହେରାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

ସାଇବର ଆଇନ ଅନୁଯାୟୀ କାହାକୁ ବ୍ୟକ୍ତିଗତ ଭାବେ ଆକ୍ରମଣ କରିବା ବା ଅଶାଳୀନ ମନ୍ତବ୍ୟ ଦେବା ଏକ ଅପରାଧ। କିନ୍ତୁ କେବଳ ଆଇନ ଦ୍ୱାରା ଏହାକୁ ରୋକାଯାଇ ପାରିବ ନାହିଁ। ଏଥିପାଇଁ ସାମାଜିକ ସଚେତନତା ଜରୁରୀ। ବଡି ସେମିଂ କରୁଥିବା ବ୍ୟକ୍ତିମାନେ ବୁଝିବା ଉଚିତ ଯେ ପ୍ରତ୍ୟେକ ବ୍ୟକ୍ତିର ଶରୀର ଭିନ୍ନ ଏବଂ ସେଥିପାଇଁ ସେମାନଙ୍କୁ ପରିହାସ କରିବା ଜଣେ ସୁସ୍ଥ ମନୁଷ୍ୟର ଲକ୍ଷଣ ନୁହେଁ । ବିଶେଷ କରି ମହିଳାମାନଙ୍କୁ ସେମାନଙ୍କ ପୋଷାକ କିମ୍ବା ରୂପକୁ ନେଇ ବିଚାର କରିବା ବନ୍ଦ କରି ସେମାନଙ୍କ କାମ ଏବଂ ଚିନ୍ତାଧାରାକୁ ସମ୍ମାନ ଦେବା ଶିଖିବାକୁ ହେବ । ସରକାର ଏବଂ ସାଇବର ପୋଲିସ ସେଲ୍ ଏଭଳି ଟ୍ରୋଲର୍ସଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ବିଧାନ କରିବା ଉଚିତ, ଯାହାଫଳରେ ଅନ୍ୟମାନେ ଏଭଳି କାର୍ଯ୍ୟ କରିବା ପୂର୍ବରୁ ଦଶଥର ଭାବିବେ ।

ସୋସିଆଲ ମିଡିଆ ଆମକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଥିଲା, କାହାକୁ ମାନସିକ ଆଘାତ ଦେବା ପାଇଁ ନୁହେଁ । ମହିଳା ଆଇପିଏସ ଅଧିକାରୀଙ୍କ ସହିତ ଘଟିଥିବା ଏହି ଘଟଣା ଆମ ପାଇଁ ଏକ ଚେତାବନୀ। ଡିଜିଟାଲ ସାକ୍ଷରତା ସହିତ 'ଡିଜିଟାଲ ସଂସ୍କାର' ଶିକ୍ଷା ଦେବାର ସମୟ ଆସିଯାଇଛି । ଯେ ପର୍ଯ୍ୟନ୍ତ ଆମେ ଅନଲାଇନ୍ ପ୍ଲାଟଫର୍ମରେ ପରସ୍ପରର ମର୍ଯ୍ୟାଦା ରକ୍ଷା କରିବା ନ ଶିଖିଛୁ, ସେ ପର୍ଯ୍ୟନ୍ତ କୌଣସି ବି ବୈଷୟିକ ପ୍ରଗତି ଆମକୁ ଏକ ସଭ୍ୟ ସମାଜ ଭାବେ ଗଢ଼ି ପାରିବ ନାହିଁ । ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ତାଙ୍କର ଦକ୍ଷତା ପାଇଁ ସଲାମ କରିବା ପରିବର୍ତ୍ତେ ତାଙ୍କୁ ବଡି ସେମିଂ କରିବା ଆମ ସମାଜର ମାନସିକ ଦାରିଦ୍ର୍ୟକୁ ହିଁ ପ୍ରଦର୍ଶନ କରୁଛି । ଏହି ବିଷାକ୍ତ ପରିବେଶର ସଂସ୍କାର କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

+ଗଞ୍ଜାମ
ମୋ: ୭୭୮୭୦୦୧୦୦୧



# କରନା ଆଉ ଯୁଦ୍ଧ

## ଡ. ଦୀପକ କୁମାର ମିଶ୍ର



ଯାହାକୁ ନିଘା କରେନି ନାକ
ଯାହା ଆଖିକୁ ଅନ୍ଧକରି ପବନରେ
ଭରିଦିଏ
ପୁଳାପୁଳା ଅଦ୍ୱିତୀୟ ରଙ୍ଗ
ଗଭାରେ ଗଜରା ହେବାର ସୌଭାଗ୍ୟ
ଜୁଟେନି ବୋଲି
ତରଙ୍ଗାୟିତ ହୃଦୟର
ଗେଲବସର ଗ୍ଲାନିରେ
ଅନେକ ଈର୍ଷାପର ମନମାନଙ୍କର
ଚକ୍ଷୁଃଶୂଳ ହୋଇ
ବଞ୍ଚିରହେ କବିତାର
ବାସ୍ନାହୀନ ସୌନ୍ଦର୍ଯ୍ୟରେ
ଭରପୁର ଜୀବନଦର୍ଶନର
ଅସାଧାରଣ ଖିଅଟିଏ ପରି ।

ସବୁ ସବୁଜ ପତ୍ରଗୁଡ଼ିକୁ ଝାଡ଼ିଝୁଡି
ଶୁଖିଲା ଶାଖାରେ ବସାବାନ୍ଧି ରହିଛି
ଲାଲରଙ୍ଗର ପକ୍ଷୀଟିଏ
ଏକ୍ଳାପଣର ବିଭୋରତାରେ
ସ୍ୱରହୀନ ସଙ୍ଗୀତର ରଙ୍ଗୀନ ରାଣ ଖାଇ
ବାଣ୍ଟି ଚାଲିଛି
ମୁହୁର୍ମୁହୁଃ ମଧୁର ମୁହୂର୍ତ୍ତମାନଙ୍କର
ଅମୃତମୟ ବସନ୍ତ ଝଙ୍କାର ।

ଯେଉଁ ପ୍ରେମର ବାସ୍ନାହୀନ
ବିଧୁର ଲଗ୍ନରେ
ମହକିଯାଏ ଆକାଶ
ଲାଂଛନାର ଭ୍ରୂକୁଞ୍ଚନକୁ ଭ୍ରୂକ୍ଷେପ ନକରି
ଭୂଲୁଣ୍ଠିତ ହୁଏ ବେଳ ଅବେଳରେ
ତା' ରଙ୍ଗ ପରଖିବାର
ଅଲୌକିକ ଦକ୍ଷତା
କହିଲ ଆଖିର ବା କାହ ।

ଝରକା ଏପାଖୁ ତତେ ଦେଖି ଆଉ
କି ଲେଖିବି କହ
ତୋ ରୂପ ବର୍ଣ୍ଣିବାକୁ ନା
କଲମରେ ସ୍ୟାହି ଅଛି
ନା ଅଛି ମୋ ପାଖରେ
ଅକ୍ଷୟ ଶବ୍ଦର ସମ୍ଭାର ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ସ୍ମୃତିର ଡାଆଣା ମଣିଷ ମୁଁ ଗୋଟେ

## ତାରାପ୍ରସାଦ ଜେନା



ସ୍ମୃତିର ଡାଆଣା ମଣିଷ ମୁଁ ଗୋଟେ
ସ୍ମୃତିକୁ ଧୋଉଛି ମାଜି
ରୂପର ନଈରେ ଆଖିର ଭେଳିକି
ନିଜେ ମୁଁ ଯାଉଛି ହଜି
ସ୍ମୃତିର ଡାଆଣା ମଣିଷ ମୁଁ ଗୋଟେ.. !

କାହାକୁ ଆପଣା କାହାକୁ ପର ମୁଁ
ନିଜେ ତ ଦେଉଛି ଚିହ୍ନ
ବିଜନ ବେଳାର ପାଗଳା ମଣିଷ
ଦେଖୁଛି ଫୁଲେଇ ଜହ୍ନ
ହଜେଇଦେବାର ଅନେକ ଭିତରେ
କିଛି ମୁଁ ପାଉଛି ଖୋଜି
ସ୍ମୃତିର ଡାଆଣା ମଣିଷ ମୁଁ ଗୋଟେ.. !

ପ୍ରୀତିର ଓଠରେ ଚୁମା ମୁଁ ଦେଉଛି
ବୁଝୁଛି ମିଛର ଛାଇ
ସତର ଗଳିରେ ଝୁଣ୍ଟି ମୁଁ ପଡୁଛି
ହଜାରେ ରାଣକୁ ଖାଇ
ସ୍ମୃତିର ସପନେ ଉଠୁଛି ବସୁଛି
ବିକଳେ ଜୀଇବା ରାଜି
ସ୍ମୃତିର ଡାଆଣା ମଣିଷ ମୁଁ ଗୋଟେ..!

ଅଁ+ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬,
ମୋ: ୯୩୪୮୦୫୪୩୦୦









# ବଣିଆ ଓ ସାଧୁ

## ନଗେନ୍ଦ୍ର ନାଥ ପଟ୍ଟନାୟକ



ଜଙ୍ଗଲ ଧାରକୁ ଲାଗି ଗୋଟିଏ ଗାଆଁ ଥିଲା। ସେଇ ଗାଆଁରେ ଜଣେ ବଣିଆ ରହୁଥିଲେ। ବଣିଆ ଥିଲେ ଈଶ୍ୱର ବିଶ୍ୱାସୀ । ଧର୍ମପରାୟଣ ଲୋକ ହିସାବରେ ସେ ବେଶ୍ ଜଣାଶୁଣା । ଥରକର କଥା, ଦିନେ ସେ କ'ଣ ଭାବିଲେ କେଜାଣି ଜଙ୍ଗଲ ଆଡେ ମୁହାଁଇଲେ । ଜଙ୍ଗଲ ମଝିରେ ଜଣେ ସାଧୁ ଆଶ୍ରମ ବନେଇ ରହିଥାନ୍ତି। ବଣିଆ ସେଠାରେ ପହଁଞ୍ଚିଲେ ସାଧୁଙ୍କଠୁ ଦୀକ୍ଷା ନେବାପାଇଁ । ଦଣ୍ଡେ ନୀରବ ରହିଲା ପରେ ସାଧୁ ଜଣକ ବେଶ୍ ଶାନ୍ତ ଓ ସ୍ଥିର ମନରେ ତାଙ୍କୁ କହିଲେ: ଆଗ ଥରକୁ ଭେଟହେଲେ ମୁଁ ତୁମକୁ ଦୀକ୍ଷା ଦେବି। ସେତେ ବେଳଯାଏ ତୁମକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ । ଏ ଭିତରେ ଅନେକ ଦିନଯାଏ ସେ ସାଧୁଙ୍କ ନିକଟକୁ ଆସନ୍ତି ଓ ବରାବର ସାଧୁଙ୍କଠୁ ଦୀକ୍ଷା ନେବାକୁ ଆଗ୍ରହ କରନ୍ତି । ସାଧୁ କିନ୍ତୁ ରୋକ୍ ଠୋକ୍ ମନା କରିଦିଅନ୍ତି ।





ଏମିତି କିଛିବର୍ଷ ବିତିଗଲା ପରେ ବଣିଆ ନିକଟକୁ ଫେରି ଆସିଲେ ସାଧୁ । ସାଧୁ ନିଜ ଭିକ୍ଷାପାତ୍ରଟିରେ କିଛିମାଟି, କେଶ, ମୂତ୍ର ଆଉ ମଳ ରଖିଦେଲେ ଆଉ ଭିକ୍ଷା ମାଗିବା ପାଇଁ ବାହାରି ଆସିଲେ । ସାଙ୍ଗରେ ତାଙ୍କର ସେଇ ଭିକ୍ଷା ପାତ୍ରଟି । ଏଆଡେ ବଣିଆ ସାଧୁଙ୍କୁ ଦେବାପାଇଁ ସୁଆଦିଆ ମିଠେଇ, ଖିରି ହାଲୁଆ ହେରିକା ଆଣିଥିଲେ । ସେ ଜିଭ ରୁଚିଲା ଭଳି ସୁଆଦିଆ ରନ୍ଧା ଖାଦ୍ୟ ବନେଇଥିଲେ । କାହିଁକିନା,ସାଧୁ ଏଥରକ ଦୀକ୍ଷା ଦେବେ ବୋଲି ତାଙ୍କର ମନେ ହେଉଥିଲା । ସାଧୁ ବନିଆଙ୍କୁ ଉଦ୍ଦେଶ୍ୟ କରି କହିଲେ : ସବୁକିଛି ମୋ ପାତ୍ର ଟିରେ ଅଜାଡିଦିଅ। ସେଇଠୁ ସାଧୁ ବଣିଆଙ୍କୁ କହିଲେ : ସ୍ୱାମୀଜୀ ! ମୁଁ ଏଗୁଡ଼ିକୁ ଏଇ ଅସନା ଗନ୍ଧିଆ ପାତ୍ରରେ କେମିତି ରଖିବି ଯେ ? ଦୟାକରି ଏଇ ପାତ୍ର ଟିକୁ ଘଷି ମାଜି ସଫାକରି ମୋ ପାଖକୁ ନେଇ ଆସନ୍ତୁ । ମୁଁ ସବୁତକ ଜିନିଷ ଏଥିରେ ରେଖିଦେବି । ତହୁଁ ସାଧୁ ଉତ୍ତର ଫେରେଇଲେ - ଏଇ ପାତ୍ରରିର ଯେତେବେଳେ ଏଭଳି ଅବସ୍ଥା ତୁମ ହୃଦୟ ଭିତରେ ଯେଉଁ କାମ ବାସନା, କ୍ରୋଧ ଅହଙ୍କାର ଲୋଭ ହେରି କା ଅନେକ ମଇଳା ରେ ପରିପୂର୍ଣ୍ଣ ହୋଇଛି, ସେଥିରେ ମୁଁ କିପରି ଈଶ୍ୱରଙ୍କୁ ସ୍ଥାପିତ କରିପାରିବି । ତୁମ ମନ ଟି ଯେତେବେଳେ ଏଇ ପାତ୍ରଟି ଭଳି ଏମିତି ଗନ୍ଧ ପୂତମୟ ମୁଁ ତୁମକୁ ଦୀକ୍ଷା କେମିତି ଦେଇ ପାରନ୍ତି ।

ବଣିଆଙ୍କୁ ଖୁବ୍ ରାଗ ମାଡ଼ିଲା । ସେ ଲାଜ ସରମରେ ଜଡ ସଡ ହୋଇ ସେଠୁ ଆଖି ପିଛୁଳାକେ ପଳେଇଗଲେ । ଦାନ ଓ ନିଃସ୍ୱାଥ ପରସେବା ବଳରେ ସେ ନିଜକୁ ଶୁଦ୍ଧପୂତ, ସ୍ୱଚ୍ଛ ଓ ନିର୍ମଳ କରିଦେଲେ । ଆଉ କିଛିକାଳ ବିତିଗଲା ପରେ ସେ ସାଧୁଙ୍କ ନିକଟରୁ ଦୀକ୍ଷାଲାଭ କରିଥିଲେ । ସାଧୁ ତାଙ୍କୁ ବୁଝାଇ କହିଲେ :ଦେଖ, ଆଗେ ତୁମ ମନକୁ ସ୍ୱଚ୍ଛ , ବିମଳ ଓ ନିର୍ମଳ କରିବା ଉଚିତ୍ । ଉପଦେଶ ସମ୍ପର୍କରେ ଏତେ ଭାବୁଛ କିଆଁ ? ଆଗ ନିଜକୁ ସ୍ୱଚ୍ଛ ପବିତ୍ର କରି, ନୈତିକ ଗୁଣ ବ୍ରହ୍ମଚର୍ଯ୍ୟ ହେରିକା ଲାଭକର । ତୁମକୁ ଦୀକ୍ଷା ଆପେ ଆପେ ପ୍ରାପ୍ତ ହୋଇଯିବ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର
ଓସ୍କାର ସିଟି ,ଲେନ ନଂ ୯,ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

# କହିବ ନାହିଁ

## ଅରୁଣ କୁମାର ପଣ୍ଡା

ବାଧିଲା ଭଳି କଥା ପଦିଏ
କହିବ ନାହିଁ କେବେ
ମଧୁର କଥା କହି ତୋଷିବ
ଦେଖିବ ବନ୍ଧୁ ଯେବେ ।
ବୁଝି ବିଚାରି କହିବ କଥା
ହେବନି ତରବର
ପାଟିରୁ କଥା ବାହାରି ଗଲେ
ଅଫେରା ଧନୁଶର ।
କଥା ବଳରେ ହୁଅଇ ପରା
ସାରା ଦୁନିଆଁ ବଶ
ପରକୁ କରି ଦିଏ ନିଜର
ଦୁଃଖରେ ଦିଏ ହସ ।
କଥା ହୁଡିଲେ କଳହ ବଢ଼େ
ଅଶାନ୍ତି ଆସେ ମାଡ଼ି
ଭଲ ଭିତରେ ହୁଅଇ ମନ୍ଦ
ପିଠିରେ ବାଜେ ବାଡ଼ି ।
କହି ଜାଣିଲେ କଥା ସୁନ୍ଦର
ସଭିଙ୍କୁ ହୁଏ ଜିଣି
ବିନୟ କଥା କହିଲେ ସଦା
ମନକୁ ନିଏ କିଣି ।
ଯାହାକୁ ତୁମେ କଥା ଦେଇଛ
କଥାର ଭାଉ ରଖ
ଗୁପତ କଥା କହିବ ନାହିଁ
ଦେବନି କା'କୁ ଦୁଃଖ ।

+ଗ୍ରାମ/ପୋ -ତୋଟାପଡା
ଭାୟା -ଘଣ୍ଟେଶ୍ୱର
ଜିଲ୍ଲା -ଭଦ୍ରକ ୭୫୬୧୨୯
ମୋ: ୯୯୩୭୬୭୨୭୦୮

# କରିଛ କି ଭାଇ କରିଛ କି

## ନୀଳମଣି ଚାନ୍ଦ

କରିଛ କି ଭାଇ କରିଛ କି
ଅସହାୟ ହୋଇ କାନ୍ଦୁଥିଲେ ଯିଏ
ତା ହାତ ଜାବୋଡି ଧରିଛ କି
କିଛି ଖାଦ୍ୟ, ଅର୍ଥ ହାତକୁ ବଢ଼େଇ
ମନରେ ସାହସ ଭରିଛ କି ।
କରିଛ କି ଭାଇ କରିଛ କି
ଯେଉଁଠାରେ ନାହି ଜମା ଗଛ ଲତା
ତା ପାଇଁ ଚାରାଟି ଧରିଛ କି
ପରିବେଶ ଦିଶେ ତା ପାଇଁ ସୁନ୍ଦର
ଏ ଭାବନା ମନେ ଭରିଛ କି ।
କରିଛ କି ଭାଇ କରିଛ କି
ସଞ୍ଚୟ ଗୋଟିଏ ଭଲ ଅଭ୍ୟାସରେ
ଏ ସୂତ୍ରକୁ ମନେ ଧରିଛ କି
ମହୁମାଛି ଗଢ଼େ ମହୁଫେଣା ପରା
ଗଛକୁ ନଜର କରିଛ କି ?
କରିଛ କି ଭାଇ କରିଛ କି
ନିଜ କାମ ଛାଡ଼ି ଦେଶ କାମ ପାଇଁ
ମନେ ଏ ଭାବନା ଭରିଛ କି
ସତ୍ୟ ଆଉ ଧର୍ମ ପଥେ ଯିବାବେଳେ
କୁହ କିରେ କେବେ ଡରିଛ କି ?
କରିଛ କି ଭାଇ କରିଛ କି
ଜୀବନ କାଳରେ ସଦା ସର୍ବଦା
ପୁସ୍ତକକୁ ସାଥୀ କରିଛ କି
ବୁଦ୍ଧ ବାପୁ ପରି ଶାନ୍ତି ଅହିଂସାର
ଅସ୍ତ୍ରଟିକୁରେ ଧରିଛ କି ?

+ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ହସିବ ଶିଶୁ ରାଇଜ

## ପ୍ରଶାନ୍ତ କୁମାର ନାୟକ

କି ସୁନ୍ଦର ମୁଖ କି ସୁନ୍ଦର ହସ
ଆହାକି ସୁନ୍ଦର କଥା ,
ଦୁଃଖ ହଜିଯାଏ ସୁଖ ଭରିଦିଏ
ମନେ ଆସେ ମିଠା ଚିନ୍ତା ।
ସିଏତ ସମ୍ଭାର ସାରା ସଂସାରର
ଶିଶୁ ଯା'କୁ ଆମେ କହୁ ,
ସିଏତ ସଂପତ୍ତି ସାରା ଦୁନିଆର
ସମ୍ଭାବନା ତା'ର ଚାହୁଁ ।
ନାହିଁ ତା'ର ମୂଲ ସିଏତ ଅମୂଲ
ଭବିଷ୍ୟତ ସିଏ ଦୁନିଆର ,
ତାକୁ ଯଦି ଆମେ ଗଢିବା ଯତନେ
ରଖିବ ଟେକ ସେ ଆମର ।
ଭଲ ଶିକ୍ଷା ଦୀକ୍ଷା ମିଳିଲେ ତାହାକୁ
ନାଆଁ ତ ରଖିବ ସିଏ ,
ଆଜିସିନା ଶିଶୁ କାଲିର ଭବିଷ୍ୟ
ତା'ପରି ହେବ ବା କିଏ ।
ଦୋଷ ଲଦିଦେଇ ପିଲାଙ୍କ ଉପରେ
ଖସିଯିବା ଭାରି ସହଜ ,
ସବୁ ଦୋଷ ଯଦି ଆମେ ନେଇଯିବା
ହସିବ ଶିଶୁ ରାଇଜ ।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ଜଙ୍ଗଲରେ ନୀରବ ସଭା

## ସୁବ୍ରତ ଦାସ



ପ୍ରକୃତି କୋଳରେ ବଢ଼ି ଉଠିଥିଲା ଏକ ସୁନ୍ଦର ଜଙ୍ଗଲ। ସେହି ସବୁଜ ଜଙ୍ଗଲଟି ଗଛ ପତ୍ରର ଛାଇ, ମୃଦୁ ପବନର ସ୍ପର୍ଶ ଓ ପକ୍ଷୀମାନଙ୍କର କୁହୁକୁହୁ ସ୍ୱରରେ ସଦା ଜୀବନ୍ତ ଲାଗୁଥିଲା। ସକାଳେ ସୂର୍ଯ୍ୟର କିରଣ ଯେତେବେଳେ ପତ୍ର ଫାଙ୍କରୁ ଝରି ପଡୁଥିଲା, ହରିଣମାନେ ଶିଶିର ଭିଜା ଘାସ ଭିତରେ ଆନନ୍ଦରେ ଦୌଡୁଥିଲେ। ଠେକୁଆ ମାନେ ମାଟିର ଗାତରୁ ବାହାରି ଘାସ ଗାଲିଚା ଉପରେ ଖେଳୁଥିଲେ। ମାଙ୍କଡ ମାନେ ଗଛ ର ଗୋଟିଏ ଶାଖାରୁ ଅନ୍ୟ ଶାଖାକୁ ଡେଇଁ ଝୁଲୁଥିଲେ। ପକ୍ଷୀମାନେ ଗଛ ର ଅଗ୍ର ଭାଗରେ ବସି ସୁ ମଧୁର ସୁରରେ ଗୀତ ଗାଇ ଜଙ୍ଗଲକୁ ଆନନ୍ଦରେ ଭରି ଦେଉଥିଲେ। ସେହି ଜଙ୍ଗଲରେ ପ୍ରତ୍ୟେକ ପ୍ରାଣୀ ନିଜ ନିଜ ଜୀବନକୁ ଶାନ୍ତିରେ ବିତାଉଥିଲେ। କାହାରି ଉପରେ କାହାର ଲୋଭ ନଥିଲା, ଅତ୍ୟାଚାର ନଥିଲା। ପ୍ରକୃତିର ନିୟମ ଅନୁଯାୟୀ ସମସ୍ତେ ଏକାଠି ରହି ଜୀବନକୁ ଉପଭୋଗ କରୁଥିଲେ। କିନ୍ତୁ ଏହି ଶାନ୍ତିର ଜୀବନ ଧୀରେ ଧୀରେ ବିଚଳିତ ହେବାକୁ ଲାଗିଲା। ମଣିଷ ନିଜର ସଉକ ଓ କ୍ଷୁଧା ମେଣ୍ଟାଇବା ପାଇଁ ଜଙ୍ଗଲକୁ ଅବାଧ ପ୍ରବେଶ କରିବା ଆରମ୍ଭ କଲା। ହାତରେ ବନ୍ଧୁକ, ଫାଶ ଓ ବିଭିନ୍ନ ଉପାୟ ନେଇ ସେ ନିରୀହ ପଶୁ ପକ୍ଷୀଙ୍କୁ ଶିକାର କରିବା ଆରମ୍ଭ କଲା। କେବେ ହରିଣକୁ ଶିକାର କରୁଥିଲା ତ, କେତେବେଳେ ନିରୀହ ପକ୍ଷୀଙ୍କୁ ଗୁଳି କରି ମାରି ଦେଉଥିଲା ।

ଏହି ଦୃଶ୍ୟ ଦେଖି ଜଙ୍ଗଲର ସବୁ ପଶୁ ପକ୍ଷୀ ମାନେ ଭୟଭୀତ ହୋଇ ପଡ଼ିଲେ। ଜଙ୍ଗଲର ଶାନ୍ତି ଭଙ୍ଗ ହୋଇଗଲା। ହରିଣ ମାନଙ୍କ ଆଖିରେ ଭୟ ଦେଖାଦେଲା। ପକ୍ଷୀମାନଙ୍କ ଗୀତର ସ୍ୱର କ୍ରମଶଃ ନୀରବ ହୋଇଗଲା। ପ୍ରତ୍ୟେକ ପ୍ରାଣୀ ମନେ ମନେ ।ଭାବୁଥିଲେ; ଆମେ କାହାର କଣ କ୍ଷତି କରିଛୁ ? ତେବେ ମଣିଷ କାହିଁକି ଆମର ଜୀବନ ନଷ୍ଟ କରୁଛି ? ଦିନେ ଜଙ୍ଗଲର ରାଜା ସିଂହ, ଏହି ଦୁଃଖଦ ଅବସ୍ଥା ଦେଖି ଗଭୀର ଚିନ୍ତାରେ ପଡ଼ିଲା। ସେ ଭାବିଲା; ଏହି ଜଙ୍ଗଲ କେବଳ ମୋର ନୁହେଁ, ଏହା ସମସ୍ତ ପ୍ରାଣୀଙ୍କର ବାସସ୍ଥାନ। ଯଦି ମଣିଷ ଏଭଳି ଶିକାର କରି ଚାଲେ ତେବେ ଦିନେ ସମୟ ଆସିବ ଏହି ଜଙ୍ଗଲ ଶୂନ୍ୟ ହୋଇଯିବ। ତେଣୁ ସେ ଏକ ସଭା ଡାକିଲା। ଜଙ୍ଗଲ ମଝି ଭାଗରେ। ଗୋଟିଏ ବିଶାଳ ବରଗଛ ତଳେ ଜଙ୍ଗଲର ସମସ୍ତ ପଶୁ ପକ୍ଷୀ ଏକାଠି ହେଲେ। ହାତୀ, ଭାଲୁ, ମାଙ୍କଡ, ହରିଣ, ଠେକୁଆ, ସମସ୍ତେ ନିଜ ନିଜର ମନର ଦୁଃଖ କଥା ସଭାରେ କହିଲେ। ପକ୍ଷୀମାନେ ଗଛ ଡ଼ାଳରେ ବସି ସଭା ଦେଖୁ ଥିଲେ।



ସିଂହ ସବୁ କଥା ଶୁଣି ସରିଲା ପରେ ଅତି ଗମ୍ଭୀର ସ୍ୱରରେ କହିଲା; ବନ୍ଧୁମାନେ, ପ୍ରକୃତି ଆମକୁ ଏହି ସୁନ୍ଦର ଜୀବନ ଦେଇଛି। ଆମେ ସମସ୍ତେ ପୃଥିବୀର ଅଂଶ। କିନ୍ତୁ ମଣିଷ ନିଜର ଲୋଭ ଓ ସଉକ ପାଇଁ ଆମକୁ ହତ୍ୟା କରୁଛି। ଯଦି ଆମେ ଚୁପ୍ ରହିବା, ତେବେ ଆମର ଅସ୍ତିତ୍ୱ ନଷ୍ଟ ହୋଇଯିବ। ଆମେ ମଣିଷଙ୍କୁ ବୁଝାଇବା ଦରକାର ଯେ ପ୍ରକୃତିର ପ୍ରତ୍ୟେକ ପ୍ରାଣୀ ଅମୂଲ୍ୟ। ହାତୀ ଧୀର ସ୍ୱରରେ କହିଲା, ହେଲେ ମଣିଷ ଯଦି ପ୍ରକୃତିର ସମତୁଳନ ଭଙ୍ଗ କରିବ ତେବେ ସେ ନିଜେ ବି କେବେ ସୁଖରେ ବଞ୍ଚି ପାରିବ ନାହିଁ।ପକ୍ଷୀମାନେ କହିଲେ; ଆମର ଗୀତ ଜଙ୍ଗଲକୁ ସୁନ୍ଦର କରେ। ଯଦି ଆମେ ନଥାଉ, ପୃଥିବୀ ନିରବ ଓ ନିର୍ଜୀବ ହୋଇଯିବ। ସମସ୍ତଙ୍କ କଥା ଶୁଣି ସିଂହ ଏକ ସୁନ୍ଦର ଭାବନା ରଖିଲା। ସେ କହିଲା; ଆମେ ମଣିଷଙ୍କ ସହ ଯୁଦ୍ଧ କରିବା ନାହିଁ। କିନ୍ତୁ ଆମେ ସେମାନଙ୍କୁ ଭଲପାଇବା ଓ ସତ୍ୟର ଶିକ୍ଷା ଦେବା। ସେମାନଙ୍କୁ ବୁଝାଇବା ଯେ, ପ୍ରକୃତିର ସମସ୍ତ ପ୍ରାଣୀ ଏକା ଅଙ୍ଗେ ଜଡିତ। ପରଦିନ ସମସ୍ତ ପଶୁ ପକ୍ଷୀ ଜଙ୍ଗଲର ସୀମାରେ ଏକାଠି ହେଲେ। ମଣିଷମାନେ ସେହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ହରିଣର ନିରୀହ ଆଖି, ପକ୍ଷୀର କୋମଳ ସ୍ୱର ଓ ଜଙ୍ଗଲର ନୀରବତା ମଣିଷଙ୍କ ହୃଦୟକୁ ସ୍ପର୍ଶ କଲା। ସେମାନେ ବୁଝିପାରିଲେ, ପଶୁ ପକ୍ଷୀମାନେ କେବଳ ଶିକାର ନୁହେଁ; ସେମାନେ ମଧ ଏହି ପୃଥିବୀର ଜୀବନ୍ତ ସାଥୀ। ସେହି ଦିନ କେତେକ ମଣିଷ ନିଜ ଭୁଲ ସ୍ୱୀକାର କଲେ। ସେମାନେ ନିଷ୍ପତ୍ତି କଲେ ଯେ ଆଉ ନିରୀହ ପଶୁ ପକ୍ଷୀଙ୍କୁ ହତ୍ୟା କରିବେ ନାହିଁ। ପ୍ରକୃତିକୁ ସୁରକ୍ଷା କରିବେ ଓ ଜଙ୍ଗଲକୁ ରକ୍ଷା କରିବେ।

ଧୀରେ ଧୀରେ ଜଙ୍ଗଲରେ ଶାନ୍ତି ଫେରିଲା। ପକ୍ଷୀମାନେ ମନ ହରଷରେ ଗୀତ ଗାଇଲେ। ହରିଣମାନେ ନିର୍ଭୟରେ ଜଙ୍ଗଲରେ ବିଚରଣ କଲେ। ସାରା ଜଙ୍ଗଲଟି ଜୀବନର ସଙ୍ଗୀତରେ ଭରିଗଲା। ସବୁ ପଶୁ ପକ୍ଷୀ ମାନେ ଏକତ୍ରିତ ହୋଇ ନୀରବ ପ୍ରତିବାଦର ଜୟ ଗାନ କଲେ ।

+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# ଜୀବନକୁ ରଖିବା ସାଇତି

## ପ୍ରତିଭା ଦାଶ

ସାଇତି ରଖିବା ଜିନିଷ ଆମର
ଖୋଜିବାକୁ ପଡ଼େ ନାହିଁ
ନିଜ ବହିପତ୍ର ପୋଷାକ ସବୁକୁ
ରଖିବା ନିଜର ପାଇଁ ।

ଜୀବନ ସରସ ସୁନ୍ଦର କରିବା
ନେଇ ଶିଷ୍ଟାଚାର ମନ୍ତ୍ର
ଅସତ୍ୟକୁ ଦୂର କରିବା ଜୀବନୁ
ସତ୍ୟ ହେବ ମହାମନ୍ତ୍ର ।

ଦୟା କରୁଣାରେ ସଜେଇବା ମନ
ଶାନ୍ତି ଆମ ଆଭୂଷଣ
ଦୁଃଖୀଙ୍କ ଦୁଃଖରେ ମ୍ରିୟମାଣ ହୋଇ
ରଖିବା ତାଙ୍କରି ପ୍ରାଣ ।

ବଡ଼ଙ୍କୁ ସମ୍ମାନ ଛୋଟଙ୍କୁ ଆଶିଷ
ଦେଇ ରଖିବା ମାନ
ପର ଉପକାରେ ସମୟ କାଟିବା
ଦୀନଙ୍କର ହେବା ଦିନ ।

ସ୍ନେହ, ଶ୍ରଦ୍ଧା, କ୍ଷମା ଗହଣା ପିନ୍ଧିବା
ଜୀବନ ହେବ ସୁଦୃଶ୍ୟ
ଗଢିବା ସଭିଏଁ ସବଳ ସମାଜ
ଜଗତର ହେବା ପୋଷ୍ୟ ।

+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସରକାରୀ
ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା

# ପାଅ ମାନ ସନମାନ...

## ରାମଚନ୍ଦ୍ର ବେହେରା

ରଂଗ ସିନା ମୋର କଳା ଓ ଧୂସର
କଣ୍ଠ ମୋ ମଧୁର ମିତ
ଆମ୍ବ ଡାଳେ ବସି ଗୀତ ଗାଏ ହସି
ଯେବେ ଫେରିଯାଏ ଶୀତ।
ବସନ୍ତ ଆସିଲେ ଆମ୍ବ ବଉଳଇ
ଚହଟଇ ଚଉପାଶ
ଦୂରକୁ ଶୁଭଇ କୁହୁ ଗୀତ ମୋର
ମୁଖେ ଭରିଦିଏ ହସ।
ମୋ ମିଠା ସଂଗୀତ ଅମୃତ ସମାନ
କିଣଇ ସବୁରି ମନ
ବଇଁଶୀର ସ୍ୱନ ବୀଣାର ଝଂକାର
ମୋ ସ୍ୱର ପାଶେ ନିଊନ।
କଳା ରଂଗ ବୋଲି ଦୁଃଖ କରେ ନାହିଁ
ଆନନ୍ଦରେ ଗୀତ ଗାଏ
ମୋ ଗୀତ ପରଶେ ଦରଦୀ ପରାଣୁ
ଦୁଃଖ ଦୂର ହୋଇଯାଏ।
ଶୀତ ଲୁଚିଗଲେ ଆସେ ମୁଁ ଧରାକୁ
ସାଜି ବସନ୍ତର ସଖା
ଗ୍ରୀଷମ ଆସିଲେ ଲୁଚିଯାଏ ମୁହିଁ
ଆଉ ନଦିଅଇ ଦେଖା।
ଉଚ୍ଚ ନୀଚ ଅବା ଦାରିଦ୍ର୍ୟତା ଭୁଲି
ନିଜ କାମେ ଦିଅ ଧ୍ୟାନ
ନିଜ ଭଲ ଗୁଣ ବିତରି ଜଗତେ
ପାଅ ମାନ ସନମାନ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୫୩୪୩୪୬

# ଯୁଦ୍ଧ ମନୋବୃତ୍ତି ଛାଡ

## କୀର୍ତ୍ତନ ସାହୁ

ଛାଡି ଦିଅ ତୁମ ଯୁଦ୍ଧ ମନୋବୃତ୍ତି
ଛାଡି ଦିଅ ଛାଡି ଦିଅ
ଆପଣା ପଣର ଭାବ ନେଇ ହୃଦେ
କୋଳରେ କୋଳେଇ ନିଅ ।

ଇସ୍ରାଏଲ ଆମେରିକା ସହ ଦେଖ
ଇରାନ ଯୁଦ୍ଧରେ ଲଢେ
ଘମାଘୋଟ ଯୁଦ୍ଧ ମଧ୍ୟ ପ୍ରାଚ୍ୟ ମଧ୍ୟେ
ଦିନୁ ଦିନ ଏହା ବଢେ ।

ସାରା ବିଶ୍ୱେ ଏବେ ତୈଳର ସଙ୍କଟ
ଦେଖା ଯାଇ ଅଛି ପରା
ଅସ୍ତ୍ରର ଜବାବ ଅସ୍ତ୍ରରେ ଦେବାରୁ
ଦୋହଲି ଯାଉଛି ଧରା ।

ଯୁଦ୍ଧ ଚାଲି ଅଛି ମଣିଷ ମଧ୍ୟରେ
ଜିଦରେ ଅଟଳ ରହି
ହିଂସା ଭାବ ଯେତେ ଦୂର ହେଇ ଯାଉ
ପ୍ରେମ ଭାବ ହୃଦେ ବହି ।

ମାନବିକତାର ଧାରା ଛୁଇଁ ଯାଉ
ପ୍ରତିଟି ମଣିଷ ଦେହ
ଭଲ ମନ ନେଇ ଆଗକୁ ବଢିବା
ଛାଡି ରାଗ ହିଂସା ମୋହ ।

ମହାପ୍ରଭୁ ଜଗନ୍ନାଥଙ୍କ ପାଦରେ
କରିବା ଏତିକି ଅଳି
ଶାନ୍ତିର ବାରତା ହୃଦୟେ ସଂଚରୁ
ହିଂସା ଭାବ ଯେତେ ଦଳି ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଦିମୁଠା ପଖାଳ

## ପ୍ରଶାନ୍ତ କୁମାର ଦାଶ

ଦିମୁଠା ପଖାଳ ଗରିବର ବଳ
ତଡିଦିଏ ପେଟଭୋକ
ତଥାପି ଆଖିରେ ଆଖିଏ ସପନ
ସଞ୍ଚିଥାଏ ଦୁଃଖୀ ଲୋକ ।।

ଝାଟିମାଟି ଗଢା ଚାଳଘରେ ଥାଏ
ପଖାଳ ଖାଇବା ଖୁସୀ
ଫଳାଏ ସୁନାର ଫସଲ କ୍ଷେତରେ
ପଖାଳ ଖାଇକି ଚାଷୀ ।।

ଅଳିଆ ଗଦାରୁ ପ୍ଲାଷ୍ଟିକ ଗୋଟାଏ
ମଣିଷ ତା ପେଟ ପାଇଁ
ପଖାଳ ଖାଇ ସେ ନିଦାଘ ଖରାରେ
ନିତି ଯାଉଥାଏ ଧାଇଁ ।।

ପଖାଳରେ ଥାଏ ବଞ୍ଚିବାର ଆଶା
ସୁଖ ସଫଳତା ମୋହ
ପଖାଳ ତୁଟାଏ ମଣିଷ ଆଖିର
ଲୁହ ଛାତିଫଟା କୋହ ।।

ତାତି ଖରା ବେଳେ ପଖାଳ ଭାତର
ଆଦର ବଢଇ ବେଶୀ
ପଖାଳ ପିଆଜ ଶାଗଭଜା ଖାଏ
ଦୂରୁ ଆସି ପରଦେଶୀ ।।

ବଡିଚୁରା ଶାଗଭଜା ଓ ପଖାଳ
ପାଟିକୁ ଲାଗଇ ଭଲ
ବୋଉତ ଖୁଆଏ କୁନାକୁ ସକାଳୁ
କରିକି ଆଦର ଗେଲ ।।

ଖରାଦିନେ ଖାଇ ପଖାଳ ତୋରାଣି
ପଢାକାମେ ଦେବା ମନ
ହାତରେ ଖସିବ ସୁଖ ସଫଳତା
ଶାନ୍ତିର ପୁନେଇଁ ଜହ୍ନ ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# ଆମ ଜେଜେମାଆ ବଢ଼ିଆ

## ଶରତ କୁମାର ଦାସ

ଆମ ଜେଜେମାଆ ବଢ଼ିଆ
ମନଟି ତାହାର ଭାରି ନିରିମଳ
ସତେକି ତ ଖୋଲା ପଢ଼ିଆ ।

ଆମ ଜେଜେମାଆ ବଢ଼ିଆ
ଭାରି ଭଲପାଏ ଖାଇବାକୁ ନିତି
ଚୁଡ଼ା ସାଥେ କୋରା ନଡ଼ିଆ ।

ଆମ ଜେଜେମାଆ ବଢ଼ିଆ
ବାଡ଼ିରେ ତା' ଅଛି ପାଣିରେ ଭରତି
ଚକମକ ଟୁବି ଗଡ଼ିଆ ।

ଆମ ଜେଜେମାଆ ବଢ଼ିଆ
ହାତେ ଚୁଲି ଜାଳି ଯତନରେ ବସି
ମୁଢ଼ି ଭାଜେ ଖଡ଼ଖଡ଼ିଆ ।

ଆମ ଜେଜେମାଆ ବଢ଼ିଆ
ସଂଜ ନଇଁଗଲେ ଖୋଲେ ଗପ ପେଡ଼ି
ଶୁଣେ ନାତି ଟୋକା ଧଡ଼ିଆ।

ଆମ ଜେଜେମାଆ ବଢ଼ିଆ
ବୟସ ଯଦିଓ ଚାରିକୋଡ଼ି ପାର
ଅଣ୍ଟା ନୁହେଁ ନଡ଼ନଡ଼ିଆ ।

ଆମ ଜେଜେମାଆ ବଢ଼ିଆ
ପାନ ଖିଲେ ଖାଇ ହସିହସି କହେ
ସିଏ ପରା ଖାଣ୍ଟି ଓଡ଼ିଆ ।

+ଅଧ୍ୟାପକ,ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ,ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୨୦/୩ (ନି.ପ୍ର): ପ୍ରକୃତିର ନୂତନ ରୂପ ସହ ଆରମ୍ଭ ହେଉଥିବା ରାଷ୍ଟ୍ରୀୟ ନବବର୍ଷ ଆମକୁ ଗୌରବଶାଳୀ ଇତିହାସର ସ୍ମୃତି କରାଇଥାଏ । ଯେତେବେଳେ ସମାଜ ନିଜର ସଂସ୍କୃତିକୁ ସମ୍ମାନ ଦିଏ, ସେତେବେଳେ ରାଷ୍ଟ୍ର ପରମ ବୈଭବକୁ ପ୍ରାପ୍ତ ହୁଏ । ତେଣୁ ସବୁବେଳେ ନିଜର ସଭ୍ୟତା, ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବା ପାଇଁ ଯୁବ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

'ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ିଓ ବାର୍ତ୍ତା ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଦିନଟି କେବଳ ଏକ ତାରିଖ ପରିବର୍ତ୍ତନର ଦିନ ନୁହେଁ, ଏହା ହେଉଛି ଆମର ସଭ୍ୟତା, ସଂସ୍କୃତି ଏବଂ ମୂଲ୍ୟବୋଧର ପୁନର୍ଜାଗରଣର ଦିନ । ବସନ୍ତ ଋତୁର ଆରମ୍ଭରେ ଯେତେବେଳେ ପ୍ରକୃତି ନୂଆ ରୂପ ଧାରଣ କରେ, ସେତେବେଳେ ଆମର ଏହି ନୂତନ ବର୍ଷ ଆରମ୍ଭ ହୁଏ । ଏହି ପବିତ୍ର ଦିନ ଆମକୁ ମନେ ପକାଇଦିଏ - ଆମର ଇତିହାସ କେତେ ପ୍ରାଚୀନ ଓ ଗୌରବଶାଳୀ । ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆମର ଯୁବପିଢ଼ିକୁ ନିଜର ମୂଳ ଶେର ସହ ଯୋଡ଼ିବାର ଏକ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ସେ ଅଭିହିତ କରିଛନ୍ତି । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଶ୍ରୀ ପ୍ରଧାନ ସମ୍ବଲପୁରର ମାଟିରୁ ଅନେକ ସଂକଳ୍ପ' ନେବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି । ସେ ଗୁଡିକ ହେଉଛି, "ନିଜର ସଂସ୍କୃତି, ସଭ୍ୟତା ଓ ଭାଷାକୁ ସମ୍ମାନ ଦେବା", "ବ୍ୟାପକ ବୃକ୍ଷରୋପଣ ସହ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା", "ଜାତି, ଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରଖିବା", "ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଞ୍ଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା" ଏବଂ "ଦେଶର ପ୍ରଗତି ପାଇଁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବା" । ମା' ସମଲେଇଙ୍କ ନିକଟରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରୁ ଆରମ୍ଭ ହୋଇଥିବା ଏହି ସଂକଳ୍ପ ସମଗ୍ର ଓଡ଼ିଶା ଓ ଭାରତବର୍ଷରେ ଏକ ନୂତନ ଚେତନା ସୃଷ୍ଟି କରିବ ।

# ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

କେନ୍ଦୁଝର, ୨୦/୩ (ନି.ପ୍ର): ଆଗାମୀ ଏପ୍ରିଲ ଓ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ଶ୍ରୀ ବିଶାଲ ସିଂହ ଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ମୁଖ୍ୟ ନିଷ୍ପତି ମୁତାବକ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାରେ ଚଳପ୍ରଚଳ ଓ ଶ୍ରମିକ କାର୍ଯ୍ୟ ବନ୍ଦ। ମଧ୍ୟାହ୍ନ ସମୟରେ ବିଦ୍ୟୁତ କାଟ୍ ନିଷେଧ। ଜିଲ୍ଲାରେ ୨୪/୭ ନିୟନ୍ତ୍ରଣ କକ୍ଷଖୋଲା ଯିବାକୁ ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରଥମ ଦାୟିତ୍ୱ । ଏଥିପାଇଁ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି ପରିବହନ ସେବା, କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ। ଯାତ୍ରୀବାହୀ ବସଗୁଡ଼ିକରେ ଡ୍ରାଇଭର ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ଓ ଜଳ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲରେ ପିଲାଙ୍କ ସୁରକ୍ଷା ପାଇଁ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ, ମୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଂଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବନ୍ଦ ରହିଥିବା ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଅଚଳ ନଳକୂପ ଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନ ଲିକ୍କୁ ୨୪ ଘଂଟା ମଧ୍ୟରେ ଠିକ୍ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ମଧ୍ୟରେ ପାଣିର ବ୍ୟବସ୍ଥା କରିବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ବେଡ୍, ଏସି ଓ କୁଲର ସୁବିଧା ସହ ଜୀବନ ରକ୍ଷାକାରୀ ଔଷଧ ଓ ଓଆରଏସ ପ୍ୟାକେଟ୍ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକ ରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ରକୁମାର ପ୍ରଧାନ, ଡିଏଫଓ ଏଚ. ଡି. ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧ୍ୱ ସୁନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

କନ୍ଧମାଳ, ୨୦/୩ (ନି.ପ୍ର): ଭାରତୀୟ ସଂସ୍କୃତି ପରମ୍ପରା ଓ ଐତିହ୍ୟର ମୁକସାକ୍ଷୀ ହିଁ ରାଷ୍ଟ୍ରୀୟ ନବବର୍ଷ । ଏହିଦିନ ସୃଷ୍ଟିର ପ୍ରାରମ୍ଭ ଦିବସ । ବ୍ରହ୍ମାଙ୍କର କାଳ ଗଣନା । ତଦନୁସାରେ, କଳି ଯୁଗାବ୍ଦ ୫୧୨୮ ଆରମ୍ଭ ହୋଇଛି । ବିକ୍ରମ ସମ୍ବତ, ଶତାବ୍ଦ ଆରମ୍ଭ ହେବା ସହ ପ୍ରଭୁ ରାମଚନ୍ଦ୍ର ଓ ରାଜା ଯୁଧିଷ୍ଠିର ଙ୍କର ଅଭିଷେକ ଉତ୍ସବ ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ପ୍ରତିଷ୍ଠାତା କେଶବ ବଳିରାମ ହେଡ୍‌ଗେୱାରଙ୍କ ଜନ୍ମଦିନ ଚୈତ୍ର ଶୁକ୍ଲ ପ୍ରତିପଦା ତିଥି ଅଟେ ଅଟେ । ସାରା ଭାରତ ବର୍ଷରେ ଏହା ଧୁମଧାମରେ ପାଳନ ହେଉଥିବା ବେଳେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କନ୍ଧମାଳ ଜିଲ୍ଲା ତରଫରୁ ବିଭିନ୍ନ ଶାଖାରେ ନବ ବର୍ଷକୁ ସାହିତ୍ୟ ଆଲୋଚନା, କବିତା ପାଠ ପୂର୍ବକ ଶୁଭେଚ୍ଛା ବାର୍ତା ଓ ମିଷ୍ଟାନ୍ନ ବଂଟନ କରି ପାଳନ କରାଯାଇଛି । ଖଜୁରୀପଡା ଶାଖାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବ୍ଲକ ସଂଯୋଜକ ଡଃ. ତ୍ରୈଲୋକ୍ୟନାଥ ସେନାପତି, ବାଲିଗୁଡା ଶାଖାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବ୍ଲକ ସଂଯୋଜକ ତୀର୍ଥବାସୀ ଘଡେଇ, ଫିରିଙ୍ଗିଆ ଶାଖାରେ ପଂଚାୟତ ମହାବିଦ୍ୟାଳୟ ଠାରେ ବ୍ଲକ ସଂଯୋଜକ ଶ୍ରୀମତୀ ହରପ୍ରିୟା ମିଶ୍ର ଓ ଅଧ୍ୟକ୍ଷ ଡଃ. ଚିତ ରଞ୍ଜନ ମିଶ୍ର, ଉଦୟଗିରି ଶାଖାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବ୍ଲକ ସଂଯୋଜକ ପବିତ୍ର କୁମାର ସାହୁ, ଦାରିଙ୍ଗବାଡି ଶାଖାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ସାହୁ, ଟିକାବାଲି ଶାଖାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବ୍ଲକ ସଂଯୋଜକ ସନ୍ତୋଷ କୁମାର ବିଷୋୟୀଙ୍କ ସହ ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ, ସହକର୍ମୀ, ଛାତ୍ରଛାତ୍ରୀମାନେ, ପରିଚାଳନା ସମିତିର କର୍ମକର୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଭାଗନେବା ସହ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ । ବିଭିନ୍ନ ଶାଖାର ସଫଳ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସମ୍ପାଦକ ତଥା ସଂଗଠକ କୈଳାସ ଚନ୍ଦ୍ର ଧଳ, ସଭାପତି ଡଃ. ଚିତ ରଞ୍ଜନ ମିଶ୍ର, ଉପସଭାପତି ପ୍ରସନ୍ନ କୁମାର ପଣ୍ଡା, ସହ ସମ୍ପାଦକ ନିରଞ୍ଜନ ପାଣ୍ଡେ ଏବଂ ଜିଲ୍ଲା ସଂଯୋଜକ ଏ. ସନ୍ତୋଷ କୁମାର ପାତ୍ର ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଥିଲେ । ଆଗାମୀ ୨୨ ତାରିଖରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ଠାରେ ଜିଲ୍ଲା ସ୍ତରୀୟ ନବ ବର୍ଷ ସ୍ୱାଗତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସମ୍ପାଦକ ଶ୍ରୀ ଧଳ ଅନୁରୋଧ କରିଛନ୍ତି ।

# ମେଘା ପାଣି ପ୍ରକଳ୍ପ ହେଲା କାଳ: ପାଣି ସଙ୍କଟ ଭୋଗୁଛନ୍ତି କାଳରୁହର ଛଅ ପରିବାର, କୋଷ୍ଟ କେନାଲ ପାଣି ପିଇ ବିତାଉଛନ୍ତି ଜୀବନ



ବାଲିଆପାଳ , ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ଅଧିନରେ ଥିବା କାଳରୁହିରୁ କାଠପୋଲ ରାସ୍ତା ପାର୍ଶ୍ୱରେ ଛଅ ପରିବାରରେ ପ୍ରାୟ ତିରିଶରୁ ଚାଳିଶି ଲୋକ ବସବାସ କରନ୍ତି। ପଞ୍ଚାୟତର ଥିବା ବସୁଧା ପାଣି ପାଇପରୁ ଆବଶ୍ୟକ ଅନୁସାରେ ପାଣି ପାଇଁ ପାରୁଥିଲେ। ମାତ୍ର ଦୁଇ ମାସ ତଳେ ବାଲିଆପାଳରେ ବ୍ଲୁଷ୍ଟାର ଠିକାଦାର ସଂସ୍ଥା ଦ୍ୱାରା ଚାଲୁ ରହିଥିବା ମେଘା ପ୍ରକଳ୍ପର ମୋଟା ପାଇପ ଲେବର ମାନଙ୍କ ଦ୍ୱାରା ପକାଯାଇଥିଲା। ସେବେଠାରୁ ବସୁଧା ପାଣି ପାଇପରୁ ବୁନ୍ଦାଏ ମଧ୍ୟ ପାଣି ବାହାରୁନାହିଁ। ପାନୀୟ ଜଳ ପାଇଁ ଦୁଇ କିଲୋମିଟର ରାସ୍ତା ଯିବାକୁ ପଡୁଛି ନଚେତ ପାଖରେ ବୋହି ଯାଉଥିବା କୋଷ୍ଟ କେନାଲ ପାଣିରେ ଜୀବନ ବିତାଉଛନ୍ତି ଏହି ଛଅ ପରିବାର । ଏନେଇ ସଂସ୍ଥା ଏବଂ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରି ନୟାନ୍ତ ହେଲେଣି ଲୋକେ । ଗ୍ରୀଷ୍ମପ୍ରବାହ ପାଇଁ ଏବେ କୋଷ୍ଟ କେନାଲରେ ପାଣି କ୍ରମଶଃ କମୁଥିବାରୁ ନିତି ବ୍ୟବହାର୍ଯ୍ୟ ପାଇଁ ଉପଯୁକ୍ତ ହୋଇପାରୁନାହିଁ। ଲୋକେ ଜାମକୁଣ୍ଡା ପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମାହାନାଙ୍କୁ ଅଭିଯୋଗ କରିବା ପରେ ତାଙ୍କର ଆଉ ଛଅ ମାସ କାର୍ଯ୍ୟକାଳ ରହିଛି ମୁଁ କିଛି ବୁଝି ପାରିବି ନାହିଁ ବୋଲି ଅଭିଯୋଗ କରିଛନ୍ତି ସୁରେନ୍ଦ୍ର କର,ଅସିତ ସାମଲ, ମନ୍ମଥ ସାହୁ, ଗୋପାଳ ଜେନା, ମନ୍ମଥ ଘଡି,ରଜନୀକାନ୍ତ ସାହୁ, ଜଗନ୍ନାଥ ଘଡାଇ ପ୍ରମୁଖ। ଏନେଇ ବାଲିଆପାଳ ଆରଡବ୍ଲୁଏସଏସ ର ଅଧିକାରୀ ପଙ୍କଜ କୁମାର ତ୍ରିପାଠୀ କହିଛନ୍ତି ଆମକୁ କୋଣସି ଅଭିଯୋଗ ଆସିନାହିଁ।ସରପଞ୍ଚ ଶ୍ରୀମତୀ ମାହାନା କହିଛନ୍ତି ଯେହେତୁ ଏହା ପଞ୍ଚାୟତର କାର୍ଯ୍ୟ ନୁହଁ ତଥାପି ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି।

# ଶୈକ୍ଷିକ ପ୍ରଶିକ୍ଷଣ ନିମନ୍ତେ ବିଦ୍ୟାର୍ଥୀଙ୍କ ଭୁବନେଶ୍ୱର ଗସ୍ତ

ଭୁବନ, ୨୦/୩ (ନି.ପ୍ର): ପିଏମ ଶ୍ରୀ ଶୈକ୍ଷିକ ପ୍ରଶିକ୍ଷଣ ଯୋଜନାରେ ଭୁବନ ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ୩୦୦ ବିଦ୍ୟାର୍ଥୀ ୫ଟି ବସରେ ଭୁବନେଶ୍ୱର ଗସ୍ତ କରି ଆଂଚଳିକ ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେଇ ଫେରିଛନ୍ତି । ପୂର୍ବାହ୍ନରେ ଚକେଇସିଆଣି ଠାରେ ମା ପାଟଦେଇଙ୍କ ଦର୍ଶନ କରିଥିଲେ । ଅପରାହ୍ନରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଜ୍ଞାନର ପ୍ରୟୋଗାତ୍ମକ ବିଷୟ ଗୁଡିକର ଅନୁଭୂତି ସଂଗ୍ରହ କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଇନ୍ଦ୍ରଜିତ୍ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆଲୁମିନି ସଭାପତି ଇଂ. ଦେବେନ୍ଦ୍ର ପୃଷ୍ଟି,ପରିଚାଳନା କମିଟି ସଭାପତି କେଦାର ଦାସଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

# ଟାର୍ଗେଟ୍ ନଥିବାରୁ ଆୟବା ସମିତିରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ବିକିପାରି ନାହାଁନ୍ତି ଧାନ

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଆୟବା ପ୍ରାଥମିକ କୃଷି ସମବାୟ ସମିତିରେ ଟାର୍ଗେଟ୍ ନଥିବାରୁ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କର ଧାନ ଏପର୍ଯ୍ୟନ୍ତ ବିକ୍ରି କରିପାରି ନାହାଁନ୍ତି। ଆୟବା ସମିତିରେ ମୋଟ୍ ୧୪୨୨ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୬୦୦ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିଛନ୍ତି। ବିଭାଗୀୟ ଅଧିକାରୀ ୩୧୪୦୦ ଟାର୍ଗେଟ୍ ଦେଇଛନ୍ତି। ୧୫ ହଜାର ୪୮ କ୍ୱିଂଟାଲ ଧାନ ବିକ୍ରି କରିବାକୁ ବାକିଅଛି। ୨୭୬ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଛି। ମଣ୍ଡିରେ ୭ ହଜାର କ୍ୱିଂଟାଲ ଧାନ ପଡ଼ି ରହିଥିବାବେଳେ ମିଲରମାନେ ଏହାକୁ ଉଠାଉ ନହାଁନ୍ତି। ଧାନ ବିକ୍ରି କରିପାରି ନଥିବା ଶତାଧିକ ଚାଷୀ ସମିତିର ସଭାପତି ଅଯୋଧ୍ୟାନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ ଓ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ଭେଟି ତୁରନ୍ତ ଟାର୍ଗେଟ୍ ଦେବାପାଇଁ ଧାବି ରିବା ସହିତ ମିଲର ମାନଙ୍କୁ ମଣ୍ଡିରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ସ୍ୱାଇଁ, ସୁକାନ୍ତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ରାଉତ, ଅଜୟ ନାୟକ, ରମେଶ ଚନ୍ଦ୍ର ଦାସ, ଅଜୟ କୁମାର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ, ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲା ଗସ୍ତ କଲେ ମହିଳା ଓ ଶିଶୁ ବିକାଶ ସଚିବ ଡଃ. ମୃଣାଳିନୀ ଦର୍ଶାଲ: ପୁଷ୍ଟିହୀନତା ଦୂରୀକରଣ ଉପରେ ଗୁରୁତ୍ୱ

ମାଲକାନଗିରି, ୨୦/୩ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ. ମୃଣାଳିନୀ ଦର୍ଶାଲ ଆଜି ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ବିଭାଗୀୟ ଯୋଜନାର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି। ତାଙ୍କର ଏହି ଗସ୍ତ ତୃଣମୂଳ ସ୍ତରରେ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକାରାତ୍ମକ ପଦକ୍ଷେପ ରୂପେ ପରିଗଣିତ ହୋଇଛି। ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସୁପୋଷିତ ଲକ୍ଷ୍ୟ କର୍ମଶାଳାରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କମିଶନର କହିଛନ୍ତି ଯେ, ଆମେ ସୁପୋଷିତ ମିଶନ ଜରିଆରେ ମାଲକାନଗିରି ଜିଲ୍ଲାର ଶିଶୁମାନଙ୍କ ପୋଷଣ ସ୍ଥିତିରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ କରୁଛୁ। ମାଲକାନଗିରି ଜିଲ୍ଲାରେ ଏହି ଲକ୍ଷ୍ୟ ହାସଲ ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ କରାଯାଉଥିବାରୁ ସେ ନିଜର ଖୁସି ବ୍ୟକ୍ତ କରିଥିଲେ। ମାଥିଲି ବ୍ଲକ୍ ଗସ୍ତ କରି ସେଠାକାର ପୋଷଣ ସ୍ଥିତି ସମୀକ୍ଷା କରିଛନ୍ତି କମିଶନର । ସେଠାରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତା ଏବଂ ସେଠାରେ ଥିବା ଭିତିଭୂମିର ସମୀକ୍ଷା କରିଛନ୍ତି। ଅନେକ ଅଙ୍ଗନୱାଡି କେନ୍ଦ୍ର ଭଡ଼ା ଘରେ ଚାଲୁଥିବାରୁ, ସେଗୁଡ଼ିକ ପାଇଁ ନୂତନ ସରକାରୀ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ୨୦୨୯ ମସିହା ସୁଦ୍ଧା ଧାର୍ଯ୍ୟ ହୋଇଥିବା ପୁଷ୍ଟିହୀନତା ମୁକ୍ତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସଚିବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର ( ଏନଆରସି) ପରିଦର୍ଶନ କରି ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେଠାରେ ଉପଲବ୍ଧ ସୁବିଧା ସୁଯୋଗର ତଦାରଖ କରିଥିଲେ। ମହିଳାମାନଙ୍କ ସୁରକ୍ଷା ଓ ସହାୟତା ପାଇଁ କାର୍ଯ୍ୟ କରୁଥିବା ସଖୀ କେନ୍ଦ୍ର ପରିଦର୍ଶନ କରି ସେଠାରେ ପୀଡ଼ିତାମାନଙ୍କୁ ପ୍ରଦାନ କରାଯାଉଥିବା ସେବା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ। ଗସ୍ତ ସମୟରେ ଡଃ ଦର୍ଶାଲ କହିଛନ୍ତି ଯେ, ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ଶେଷ ହିତାଧିକାରୀଙ୍କ ପାଖରେ ପହଂଚିବ, ତାହା ଆମର ପ୍ରାଥମିକତା। ଏଥିସହ ସେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସୁଦୃଢ଼ୀକରଣ ଏବଂ ପୁଷ୍ଟିକର ଖାଦ୍ୟ ବଂଟନ ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ, ଟିପିଏସଓଡିଏଲ ଅଧିକାରୀ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ସୁପରଭାଇଜରମାନେ ଉପସ୍ଥିତ ଥିଲେ ।

# ଏଆଇ ଚାର୍ଟ ଜିପିଟି ଆପ୍ ଦ୍ୱାରା ଡ୍ରାଫ୍ଟ ଲିଖନ କୌଶଳ ଶିବିର

ଭୁବନ, ୨୦/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ର ମୃଦଙ୍ଗା, ବାଲିବୋ, ଭୂଷଳ, କୁନିନ୍ଦା, ମାର୍ଥାପୁର, ଯମୁନାକୋଟ, ଦୀଘି, ସୁର ପ୍ରତାପପୁର, ଧଳପଡ଼ା ପ୍ରଭୃତି ଗ୍ରାମରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ସିପି ଜିଆର ଏ ଏମ ଏସ ଆପ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଜନ ଶୁଣାଣି ଆପ୍ ରେ ନିଜ ନିଜର ଅଭିଯୋଗ ଓ ପ୍ରସ୍ତାବ ଗୁଡିକୁ ଠିକ୍ ଢଙ୍ଗରେ ଦାଖଲ କରିବା ନିମନ୍ତେ ଆର୍ଟି ଫିଶିଆଲ ଇଂଟଲିଜେନ୍ସ (ଏଆଇ) ର ଚାର୍ଟ ଜିପିଟି ଆପ ଦ୍ୱାରା ସଠିକ୍ ଡ୍ରାଫ୍ଟ କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି । ଇଂ. ଦେବାଶିଷ ହୋତା ଗତ ୧୪ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ଗ୍ରାମରେ ଯୁବକ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ୧୨ଟି ଗ୍ରାମୀଣ ପ୍ରଶିକ୍ଷଣ ଶିବିରରେ ସମୁଦାୟ ୧୮୫ ଜଣ ପ୍ରଶିକ୍ଷାର୍ଥୀ ନିଜ ମୋବାଇଲରେ ଦୁଇ ଘଣ୍ଟିଆ ପ୍ରଶିକ୍ଷଣ ନେଇଥିଲେ । ୯ଟି ପ୍ରଶିକ୍ଷଣ ଶିବିରରେ ସିପି ଜି ଆର ଏ ଏମ୍ ଏସ ଆପ ମାଧ୍ୟମରେ ପ୍ରଶିକ୍ଷାର୍ଥୀ ମାନେ ବିନା ମୂଲ୍ୟରେ ୨୨ଟି ଏବଂ ଜନ ଶୁଣାଣି ଆପ୍ ମାଧ୍ୟମରେ ୨୮ଟି ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗ ଦାଖଲ କରି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ଏଥିରେ ଲ ଗ୍ରାଜୁଏଟ କାଳନ୍ଦି ଚରଣ ବେହେରା ପ୍ଲେ ଷ୍ଟୋର ମାଧ୍ୟମରେ ଉପରୋକ୍ତ ୩ଟି ଆପ୍ ଡାଉନ୍ ଲୋଡ୍ କରି ଲଗଇନ୍ କରିବାର ପ୍ରକ୍ରିୟା ଶିଖାଇଥିଲେ ।

# ରାଜ୍ୟ ମତ୍ସ୍ୟ ବିଭାଗର ସଚିବ ତଥା କୋରାପୁଟ ଜିଲ୍ଲା ନୋଡାଲ ସଚିବଙ୍କ ଗସ୍ତ

ଜୟପୁର, ୨୦/୩ (ନି.ପ୍ର): ରାଜ୍ୟ ସରକାରଙ୍କ ମତ୍ସ୍ୟ ଏବଂ ପଶୁଧନ ବିକାଶ ବିଭାଗର ସଚିବ ତଥା କୋରାପୁଟ ଜିଲ୍ଲା ନୋଡାଲ ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ ଦୁଇଦିନିଆ ଗସ୍ତ ଅବସରରେ ଆଜି କୋରାପୁଟ ଜିଲ୍ଲାର ଜୟପୁର ଉପଖଣ୍ଡ ଗସ୍ତ କରିଥିଲେ । ଆଜି ପୂର୍ବାହ୍ନରେ ସାଢେ ୧୦ ଟା ସମୟରେ ଜିଲ୍ଲା ନୋଡାଲ ସଚିବ ଶ୍ରୀ ଚୌଧୁରୀ ମୁଖ୍ୟମନ୍ତ୍ରୀ କିଶାନ ଯୋଜନା ଜୟପୁର ବ୍ଲକର ବାରିଣିପୁଟ ଠାରେ ନିର୍ମିତ ହୋଇଥିବା ବାୟୋପ୍ଲାଂଟ ଟାଙ୍କି ପରିଦର୍ଶନ କରିଥିଲେ ଓ ଜୟପୁର ପୌରସଂସ୍ଥା ପକ୍ଷରୁ ଗଡିଆ ଧୋବାସାହି ଏମସିସି ପ୍ଲାଣ୍ଟର ମଳ ଓ ଅଳିଆ ଆବର୍ଜନାରେ ନିର୍ମିତ ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ ଓ ପାଲିଗୁଡଓ ସ୍ଥିତ ଗୋପାଳ ଗୋସେବା କେନ୍ଦ୍ରକୁ ଯାଇ ଗାଈ ମାନଙ୍କୁ କିଭଳି ରକ୍ଷଣାବେକ୍ଷଣ କରାଯାଉଛି ଏବଂ ପରିମଳ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏହାପରେ ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିଦର୍ଶନ କରିଥିବା ବେଳେ ସେଠାରେ ରହିଥିବା ବିଭିନ୍ନ ସମସ୍ୟା ବୁଲି ଦେଖିବା ସହିତ ଚିକିତ୍ସାଳୟରେ ଆବଶ୍ୟକ ପଦବୀ ଏବଂ ଯନ୍ତ୍ରପାତୀ ନେଇ ଚିକିତ୍ସାଳୟ କର୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ । ଏହିପରି ଚିକିତ୍ସାଳୟରେ ଦୁଇଟି ଅଲଟ୍ରାସାଉଣ୍ଡ ମେସିନ ରହିଥିଲେ ସୁଦ୍ଧା କେବଳ ଗର୍ବବତୀ ମହିଳାଙ୍କୁ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କରାଯାଉଥିବା ବେଳେ ଅନ୍ୟାନ୍ୟ ରୋଗପାଇଁ ଜିଲ୍ଲା ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ ମେସିନ ବ୍ୟବହାର କରାଯାଉନଥିବା ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏଥିନେଇ ଏକ ରିପୋର୍ଟ ଦେବାକୁ ଜିଲ୍ଲା ଚିକିତ୍ସାଳୟ କର୍ତୃପକ୍ଷଙ୍କୁ ନୋଡାଲ ଅଧିକାରୀ ଶ୍ରୀ ଚୌଧୁରୀ ନିର୍ଦ୍ଦେଶ ଦେଇଛନ୍ତି । ଜୟପୁର ସ୍ଥିତ କ୍ରୀଡା କମ୍ପେକ୍ସକୁ ଯାଇ ଏହାର ବିଭିନ୍ନ ବିଷୟ ଏବଂ କ୍ରୀଡା ପ୍ରଶିକ୍ଷଣ ଉପରେ ଜିଲ୍ଲା କର୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ । ଶ୍ରୀ ଚୌଧୁରୀଙ୍କୁ ଜୟପୁର ଠାରେ ଥିବା କ୍ରୀଡା କମ୍ପ୍ଲେକ୍ସଟିର ଉଚିତ ରକ୍ଷଣାବେକ୍ଷଣ କରାଯାଉନଥିବା ଯୋଗୁଁ ଏହାକୁ ଘରୋଇ କରଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ସେ ଉଚ୍ଚ କର୍ତୃପକ୍ଷଙ୍କ ସହ କଥା ହେବେ ବୋଲି ପ୍ରତିଶୃତି ଦେଇଥିଲେ। ସେଠାରୁ ଆମ୍ବାଗୁଡା ସରକାରୀ ଆ.ଟି.ଆଇ ପରିଦର୍ଶନ କରିଥିଲେ । ପୁଟ୍ରା ଗ୍ରାମ ଠାରେ ପହଞ୍ଚି ସେଠାରେ ପିଏମ ଏସୱାଇରେ ପୋଖରୀରେ ମାଛ ଚାଷ ଯୋଜନାର ପରିଦର୍ଶନ କରିଥିଲେ ଓ ନୋଡାଲ ସଚିବ ଶ୍ରୀ ଚୌଧୁରୀ ବୋରିଗୁମ୍ମା ଏବଂ କୋଟପାଡ ବ୍ଲକ ଗସ୍ତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଚିକିତ୍ସାଳୟ ଅଧିକାରୀ ଡ. ଅକ୍ଷୟ ରଥ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡି. ଶିବସାଇ ସ୍ୱରୂପ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରଥମେ ଆସି ବ୍ଲକ ଅଫିସ ସମ୍ମୁଖରେ ଥିବା ଗୋପବନ୍ଧୁ ଜରାନିବାସ ର ଅନ୍ତେବାସୀ ଛାତ୍ର ମାନଙ୍କୁ ଭେଟିବା ପରେ ପାଲିଗୁଡା ଗୋଶାଳା ଦେଖି ଖୁସି ପ୍ରକଟ କରିଥିଲେ କ୍ଷଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତରେ ଆସି ବିଭିନ୍ନ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କ ସହ ଚିକିତ୍ସା ନେଇ ଆଲୋଚନା କରିବା ସହ ଉପସ୍ଥିତ ଡାକ୍ତର ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଅପରେସନ ଚକ୍ର ବୁଲୁଛି : ଚକିତ ଅସାମାଜିକ ବ୍ୟକ୍ତି: ୭୭ ଦିନରେ ୧୬୬ ଆଂଟି-ସୋସିଆଲ ଗିରଫ

ପୁରୀ, ୨୦/୩ (ନି.ପ୍ର): ଜିଲ୍ଲାରେ ସାମାଜିକ ସୁରକ୍ଷା ଓ ଶାନ୍ତି-ଶୃଙ୍ଖଳାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୁରୀ ପୋଲିସ ଦ୍ୱାରା ଚାଲୁଅଛି ବିଶେଷ ଅଭିଯାନ "ଅପରେସନ ଚକ୍ର". । ଗତ ୭୭ ଦିନ ଧରି ୧୬୬ ଆଣ୍ଟି-ସୋସିଆଲ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଏହି ଅଭିଯାନରେ ପୁରୀ ଏସ୍ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସିଟି ଡିଏସପି ରସ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅପରେସନ ଚକ୍ର ସଫଳଭାବେ ଚାଲୁଅଛି । ଏହି ଅଭିଯାନରେ ପୁରୀ ସହରର ବିଭିନ୍ନ ପୋଲିସ ଥାନା ଅଂଚଳରେ ନିୟମିତ ଚେକିଂ, ନାକା ବନ୍ଦୋବସ୍ତ, ଇଣ୍ଟେଲିଜେନ୍ସ ଆଧାରିତ ରେଡ୍ ଓ ପ୍ୟାଟ୍ରୋଲିଂ କରାଯାଇଥିଲା। ଫଳସ୍ୱରୂପ ମୋଟ ୧୬୬ ଜଣ ଆଣ୍ଟି-ସୋସିଆଲ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବଳିଆପଣ୍ଡା ଥାନା ୧୩ ଜଣ, ତାଳବଣିଆ ଥାନା ୩୨ ଜଣ, ବାସେଳୀସାହି ଥାନା ୧୫ ଜଣ, ଟାଉନ ଥାନା ୪୦ ଜଣ, ସମୁଦ୍ରକୁଳ ଥାନା ୩୦ ଜଣ, କୁମ୍ଭାରପଡା ଥାନା ୩୬ ଜଣ ଏହି ସମସ୍ତ ଅଭିଯାନରେ ଅପରାଧୀମାନଙ୍କ ବିରୋଧରେ ଆଇନଗତ ମାମଲା ରୁଜୁ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପରେସନ ଚକ୍ର ଅଧୀନରେ ଦାଦାବଟି, ଡକାୟତି, ଅସ୍ତ୍ରଶସ୍ତ୍ର ମାଧ୍ୟମରେ ସାଧାରଣ ଲୋକଙ୍କୁ ଅସୁବିଧା ସୃଷ୍ଟି, ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟରେ ଜଡିତ ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ କରାଯାଇଥିଲା। ପୁରୀ ପୋଲିସ ସଦା ସମୟରେ ସହରରେ ଆଇନ-ଶୃଙ୍ଖଳା ରକ୍ଷା, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ପାଇଁ ପ୍ରତିବଦ୍ଧ।

ଏହିପରି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଏସ୍ପି ପୁରୀ ପ୍ରତୀକ ସିଂ ଜଣାଇଛନ୍ତି । ସାଧାରଣ ଜନସାଧାରଣଙ୍କ ପାଇଁ ଅନୁରୋଧଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା ଅପରାଧୀୟ କାର୍ଯ୍ୟକଳାପ ଦେଖିବେ, ତେବେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨ କୁ ଫୋନ କରନ୍ତୁ କିମ୍ବା ନିକଟସ୍ଥ ପୋଲିସ ଥାନାକୁ ସୂଚନା ଦିଅନ୍ତୁ । ଆପଣଙ୍କ ଏକ ସତର୍କ ସୂଚନା ଅପରାଧ ରୋକିବାରେ ଓ ସମାଜକୁ ସୁରକ୍ଷିତ ରଖିବାରେ ବଡ଼ ଭୂମିକା ସାହାଯ୍ୟ କରେ ।ପୋଲିସ ଓ ଜନସାଧାରଣଙ୍କ ସହଯୋଗ ଦ୍ୱାରା ମାତ୍ର ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ପୁରୀ ଗଠନ ସମ୍ଭବ ହେବ ।

# ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣା: ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ

## କ୍ଷତିପୂରଣ ସହ ଶିଶୁର ଚିକିତ୍ସା ନେଇ ଦାବିପତ୍ର ପ୍ରଦାନ




ବାରିପଦା, ୨୦/୩ (ନି.ପ୍ର): ପିଆରଏମ ହସ୍ପିଟାଲରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ସଦସ୍ୟ ଆନନ୍ଦ ଚରଣ ଟୁଡୁଙ୍କ ଉପସ୍ଥିତିରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। କୁଳିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ଦୁବାଇ ହାଁସଦାଙ୍କ ପତ୍ନୀ ବାଲ୍ଲୀ ହାଁସଦାଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଛୁଆ ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି। ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବା ବେଳେ ଗୁରୁତ୍ୱର ରହିଛି। ଅପରେସନ ହୋଇ ପ୍ରସବ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଅନଭିଜ୍ଞ କନିଷ୍ଠ ଡାକ୍ତର ଜଣକ ନିଶାଗ୍ରସ୍ତ ଅବସ୍ଥାରେ ପ୍ରସବ ଅସ୍ତ୍ରୋପଚାର କରିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହିତ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଜନ୍ମିତ ଶିଶୁର ଶରୀର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଷ୍ଟିଚ ପଡିଛି। ଶିଶୁର ଶରୀରରୁ ରକ୍ତପାତ ହୋଇ ଗୁରୁତର ଅବସ୍ଥାରେ ଏସଏନସିୟୁରେ ଚିକିତ୍ସିତ ହେଉଛି। ଯାହାକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳାକୁ ଦାୟୀ କରି ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଚିକିତ୍ସିତ ଶିଶୁର ଆସନ୍ତା ୬ମାସ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ବ୍ୟବସ୍ଥା ହସ୍ପିଟାଲ କର୍ତ୍ତୃପକ୍ଷ ବହନ କରିବା ଓ ଡାକ୍ତରଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ବିଜେଡିର ପ୍ରତିନିଧି ଦଳ ଦାବିପତ୍ର ସିଡିଏମଓଙ୍କୁ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ବାରିପଦା ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଏସଡିପିଓ ପ୍ରଭାତ ମଲ୍ଲିକ, ବାରିପଦା ତହସିଲଦାର ସପନ କୁମାର ସାହୁ, ପିଆରଏମ ମେଡ଼ିକାଲ କଲେଜ ଅଧିକ୍ଷକ ଡା ପ୍ରତିଭା ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାସ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ପହଁଚି ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ନମିଳିବା ପର୍ଯ୍ୟନ୍ତ ପ୍ରତିବାଦରୁ ହଟିବେ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଦାବି ବାବଦରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ୬ମାସ ପର୍ଯ୍ୟନ୍ତ ଶିଶୁର ଚିକିତ୍ସା ଖର୍ଚ୍ଚ ବହନ ନେଇ ପ୍ରତିଶ୍ରୁତି ଦେଇଥିଲେ। ୨୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ବୋଲି ଜିଲ୍ଲାପାଳ ଜଣାଇଛନ୍ତି। ଚିକିତ୍ସା ଅବହେଳା ଯୋଗୁଁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଆଗାମୀ ସପ୍ତାହକ ମଧ୍ୟରେ ଦାବି ପୂରଣ କରି କ୍ଷତିପୂରଣ ରାଶି ପ୍ରଦାନ ନହେଲେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ରବୀନ୍ଦ୍ର କର, କରୁଣାକର କର, ପଞ୍ଚାୟତ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ସରପଞ୍ଚ ବାଇଧର କିସ୍କୁ, ସୁନାରାମ ମାର୍ଣ୍ଡି, ପରାଗ ରଞ୍ଜନ ମହାନ୍ତି, ମଣ୍ଟୁ ମହାନ୍ତ, ସୁଜିତ ନାୟକ, ମାଣିକ ହାଁସଦା, ରଜନୀ ମହାନ୍ତ, ଜହରଲାଲ ସିଂ ସମେତ ଅନ୍ୟାନ୍ୟ ପ୍ରମୁଖ ଗ୍ରାମବାସୀ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ହରମୁଜ୍ ପ୍ରଣାଳୀ ଅବରୋଧ...

ଇରାନର ଏହି ପ୍ରତିଶୋଧମୂଳକ ପଦକ୍ଷେପ ଯୋଗୁଁ ତେଲ ଓ ଗ୍ୟାସ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନାଟୋ ଓ ଅନ୍ୟ ସହଯୋଗୀ ଦେଶଗୁଡ଼ିକୁ ଏହି ପ୍ରଣାଳୀ ପୁନଃ ଖୋଲିବାରେ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି । ଯଦିଓ କିଛି ଦେଶ ଏହି ଆବେଦନକୁ ପ୍ରାରମ୍ଭିକ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି, ତଥାପି ଆନ୍ତର୍ଜାତୀୟ ନୌଚାଳନା ସ୍ୱାଧୀନତା ରକ୍ଷା କରିବା ଏବଂ ଶକ୍ତି ବଜାରକୁ ସ୍ଥିର କରିବା ପାଇଁ ବର୍ତ୍ତମାନ ବ୍ୟାପକ ଆଲୋଚନା ଓ ଯୋଜନା ଜାରି ରହିଛି । ଏହି ସାମୁଦ୍ରିକ ସଂକଟର ବିସ୍ତୃତ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ହରମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ, ଯାହାର ଅବରୋଧ ବିଶ୍ୱ ଅର୍ଥନୀତିକୁ ଗୁରୁତର ଭାବେ ପ୍ରଭାବିତ କରିଛି। ୟୁକେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି ଯେ ଆନ୍ତର୍ଜାତୀୟ ପରିବହନରେ ଏପରି ଅଯଥା ହସ୍ତକ୍ଷେପ କେବଳ ବାଣିଜ୍ୟିକ କ୍ଷତି କରୁନାହିଁ, ବରଂ ଏହା ବିଶ୍ୱର ସବୁଠାରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଶକ୍ତି ଓ ସମ୍ପଦର ଅଭାବ ସୃଷ୍ଟି କରୁଛି।

### ବାଲେଶ୍ୱର ଦିବଂଗତ ସାମ୍ବାଦିକ...

ମୁଖ୍ୟ ଅତିଥି ସୃଷ୍ଟିଧର ପରିଡ଼ା ତାଙ୍କ ବକ୍ତବ୍ୟରେ ଅନୁଷ୍ଠାନ ସଭାପତି ଦେବବ୍ରତ ପାଣିଗ୍ରାହୀ ଓ ସମ୍ପାଦକ ଗଗନ ଚନ୍ଦ୍ର ସେଠୀ ଉପସଭାପତି ସନ୍ଦିପ୍ତ ଦାସ ଉଜ୍ଜ୍ୱଳ ଚନ୍ଦ୍ର କର ଙ୍କୁ ଓ ଅନୁଷ୍ଠାନର ସମସ୍ତ ସଭ୍ୟ ସଭ୍ୟା ମାନଙ୍କ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଧନ୍ୟବାଦ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ କୌଣସି ଭଲ କାର୍ଯ୍ୟ କରିବା ବେଳେ କିଛି ଖୋଳ ପ୍ରକୃତି ଲୋକ ବିରୋଧ କରିବେ । କିନ୍ତୁ ତାଙ୍କୁ କର୍ଣ୍ଣପାତ ନକରି ଏହି କାର୍ଯ୍ୟ କିପରି ଆଗକୁ ଯିବ ଚେଷ୍ଟା କରିବା ଦରକାର । କାରଣ ଦିନ ଆସିବ ସମସ୍ତ ଜନସାଧାରଣ ଏହାକୁ ଦେଖି ଆଶ୍ଚର୍ଯ୍ୟ ହେବେ । ସେ କହିଥିଲେ ନରେନ୍ଦ୍ର ବାରିକ ଜଣେ ସାମ୍ବାଦିକ ଥିଲେ ତାହା ନୁହେଁ ସାମ୍ବାଦିକ ସଙ୍ଗେ ସଙ୍ଗେ ସେ ରାଜନେତା ଥିଲେ । ନରେନ୍ଦ୍ର ମେଳାପି ଓ ପରୋପକାରୀ ଥିଲେ। ଓ ସାମ୍ବାଦିକ ମିହିର ମହାପାତ୍ର ମଧ୍ୟ ଜଣେ ସାମ୍ବାଦିକ ଓ ସମାଜ ସେବୀ ଥିଲେ । ଉଜ୍ଜ୍ୱଳ ଚନ୍ଦ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ନରେନ୍ଦ୍ର ବାରିକ ଜୀବନ କାହାଣୀ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ମିହିର ମହାପାତ୍ର ଙ୍କ ଜୀବନୀ ମଧ୍ୟ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନ ସମସ୍ତ ସଭ୍ୟ ସଭ୍ୟାଙ୍କ ମିହିର ମହାପାତ୍ର ଙ୍କ ଏକାଦଶ ପାଇଁ ନିମନ୍ତ୍ରଣ କରିଥିଲେ । ଅନ୍ୟ ସମସ୍ତ ଅତିଥି ମଞ୍ଚାସିନ ଅତିଥି ମାନେ ନରେନ୍ଦ୍ର ବାରିକ କାର୍ଯ୍ୟ କଳାପ ବିଷୟରେ ଆଲୋକ ପାତ କରିଥିଲେ । ଶେଷରେ ସମ୍ବିତ କୁମାର ବେହେରା ଧନ୍ୟବାଦ ଦେଇ ସଭାକାର୍ଯ୍ୟ ଶେଷ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ଶିବ ଶଙ୍କର ଭୋଇ, ପୂର୍ଣ୍ଣଚନ୍ଦ୍ର ବେହେରା, କମଳା କାନ୍ତ ନାୟକ, ସନ୍ତୋଷ, ଭାଗବତ ଦାସ, ପଦ୍ମ ଲୋଚନ ଦତ୍ତ, ହରିଶଙ୍କର ଜେନା, ଗୋପିକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବିଜେଡିର କାରଣ...

କିନ୍ତୁ ରାଜ୍ୟସଭା ନିର୍ବାଚନ ବେଳେ ଆପଣ ଦଳର ଶୃଙ୍ଖଳା ଭାଙ୍ଗିଛନ୍ତି ଓ ଦଳର ବିଶ୍ୱାସକୁ ଧୋକ୍କା ଦେଇଛନ୍ତି। ବିଜେଡି ବିଧାୟକ ଦଳ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଅମାନ୍ୟ କରି ବିଜେଡି ସମର୍ଥନ କରୁ ନଥିବା ଜଣେ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଆପଣଙ୍କ କାର୍ଯ୍ୟଧାରାରୁ ସ୍ପଷ୍ଟ ଜଣାପଡୁଛି ଯେ ଆପଣ ବିଜେଡିର ସଦସ୍ୟତାକୁ ସ୍ୱେଚ୍ଛାକୃତ ଭାବେ ଛାଡୁଛନ୍ତି। ତେଣୁ ତିନି ଦିନ ଭିତରେ ୨୦ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଦୁଇଟି ବିନ୍ଦୁରେ ଆପଣ ନିଜର ମତ ରଖିବେ। ଆପଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅର୍ଥାତ୍ ଦଳରୁ ନିଲମ୍ବନ କାହିଁକି କରାଯିବନି ? ଆପଣ ବିଜେଡିର ସଦସ୍ୟତାକୁ ସ୍ୱେଚ୍ଛାକୃତ ଭାବେ ଛାଡ଼ିବା ପରି କାର୍ଯ୍ୟ କରିଥିବାରୁ ଆପଣଙ୍କ ବିରୋଧରେ କାହିଁକି ଆଇନଗତ ଓ ସାମ୍ବିଧାନିକ ପଦକ୍ଷେପ ନିଆଯିବ ନାହିଁ ? ଯଦି ସମୟସୀମା ଭିତରେ ନୋଟିସ୍‌ର ଉତ୍ତର ନ ମିଳେ, ତେବେ ଦଳ ପରବର୍ତ୍ତୀ ପଦକ୍ଷେପ ନେବ।

### ନିଶା ମୁକ୍ତ ହେବ...

ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନ, କଲେଜ କିମ୍ବା ସ୍କୁଲ କ୍ୟାମ୍ପସର ୫୦୦ ମିଟର ପରିଧି ଭିତରେ ନିଶା ଦ୍ରବ୍ୟ ବିକ୍ରି ଉପରେ କଟକଣା ଲାଗୁ ହୋଇଛି। ସାଧାରଣ ଲୋକ ନିଶା ବାବଦରେ ଖବର ପାଇବା ମାତ୍ରେ ୧୧୨, ନିକଟସ୍ଥ ଥାନା କିମ୍ବା ଜିଲ୍ଲା ଏସପିଙ୍କୁ ଖବର ଦେଇପାରିବେ। ଏପ୍ରିଲ ୧ ୨୦୨୬ରୁ ଏପ୍ରିଲ ୧- ୨୦୨୯ ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ଡିଜିପି । ନିର୍ଦ୍ଦେଶ ପାଇବା ପରେ ଖୋର୍ଦ୍ଧାର ଅଭ୍ୟାସଗତ ନିଶା ବେପାରୀ ଓ ମହିଳା ନିଶା ବେପାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ଅଭ୍ୟାସଗତ ନିଶା ବେପାରୀଙ୍କୁ ପିଟିଏଣ୍ଡିପିଏସ ଆକ୍ଟରେ ବୁକ୍ କରାଯିବ। ମାଫିଆଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମାଟିରେ ମିଶିବ ବୋଲି ଚେତାବନୀ ଦେଇଛି ଖୋର୍ଦ୍ଧା ପୁଲିସ । ନିଶା ମାଫିଆଙ୍କୁ ସାବାଡ କରିବା ପାଇଁ ରାଜ୍ୟରେ ଚାଲିଛି ଅପରେସନ ପ୍ରହାର । (ଲୋୟର ରାଜ୍ୟରୁ ୨୮ଶହ କୋଟି ଟଙ୍କାର ଗଞ୍ଜେଇ ଜବତ ହୋଇଛି।

# ବିଜେଡି ଜିଲ୍ଲା ସଭାପତିଙ୍କ ପଖାଳ ଦିବସ ପାଳିତ



ଖଇରା, ୨୦/୩ (ନି.ପ୍ର): ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଶ୍ୱ ପଖାଳ ଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି। ଘରକୁ ଆସିଥିବା ସମସ୍ତ ବିଜେଡି କର୍ମୀ ଓ ସମର୍ଥକଙ୍କୁ ନିଜ ହାତରେ ପଖାଳ ପରସି ଓଡିଆ ସଂସ୍କୃତିକୁ ପୁନର୍ଜୀବିତ କରିଛନ୍ତି। ଏଥିସହ ସହକର୍ମୀ ଭାବେ ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ,ସଦର ନିର୍ବାଚନ ମଣ୍ଡଳିର ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ,ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ସହିତ ମିଶି ପଖାଳର ମଜା ନେଇଥିଲେ। ପଖାଳ ଶରୀର ରେ ପ୍ରତିରୋଧକ ଶକ୍ତି ତଥା ହଜମ ପ୍ରକ୍ରିୟାକୁ ମଧ୍ୟ ବଢାଇଥାଏ। ଏଣୁ ଧନି ହେଉ କି ଗରୀବ ସମସ୍ତେ ପଖାଳ ଭୋଜନ କରିବା ଉଚିତ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ବାର୍ତ୍ତା ଦେବା ଅବସରରେ ପ୍ରକାଶ କରିଥିଲେ। ସେପଟେ ଏବେ ଜିଲା ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀ ବିଜେଡିରେ ଜ୍ୟୋତି ଙ୍କର ପ୍ରତିଦ୍ୱନ୍ଦୀ ମାନେ ଅପସରି ଯିବା ପରେ ପଖାଳ ଦିବସକୁ ଧୁମଧାମରେ ପାଳନ କରିଥିବା ଚର୍ଚ୍ଚା ହେଉଛି।

# ବୈଦିକ ଗୁରୁକୁଳ ଆଶ୍ରମର ୩୭ ତମ ଓ ଶିକ୍ଷାଶ୍ରମର ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ



ବସ୍ତା , ୨୦/୩ (ନି.ପ୍ର): ସ୍ଥିତ ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମ ର ୩୭ତମ ଓ ଶିକ୍ଷାଶ୍ରମର ବାର୍ଷିକ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ବସ୍ତା ଏସ ଡି ପି ଓ ତଥା ସମାଜସେବୀ ଶ୍ରୀଯୁକ୍ତ ମାନସ ରଞ୍ଜନ ଦେଓ ଯୋଗଦେଇ ବକ୍ତବ୍ୟରେ ପିଲାମାନଙ୍କୁ ନିର୍ମାଣ କରିବାରେ ଗୁରୁକୁଳ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଯୁବ ସମାଜସେବୀ ଶ୍ରୀଯୁକ୍ତ ବିକାଶ କୁମାର ପାଢୀ,ସମୟର ଚକ୍ରର ସମ୍ପାଦକ ଶ୍ରୀଯୁକ୍ତ ସର୍ବେଶ୍ୱର ଜେନା,ଶ୍ରୀମାନ ସଞ୍ଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶବିତ୍ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଆଧୁନିକ ଯୁଗରେ ଗୁରୁକୁଳୀୟ ଶିକ୍ଷା ଅତ୍ୟନ୍ତ ଆବଶ୍ୟକ ବୋଲି ନିଜର ମତ ଆଲୋଚନା କରିଥିଲେ। ଏଇ କାର୍ଯ୍ୟକ୍ରମରେ ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ ର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ , ଗୋ ମାତା ସେବା , ବୃକ୍ଷରୋପଣ ପ୍ରଭୃତି କାର୍ଯ୍ୟ ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିଲା। ପରିଶେଷରେ ଶିକ୍ଷାଶ୍ରମ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ ଗଣେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବାଦ ସାହିତ୍ୟ ଘର ପକ୍ଷରୁ ବିଶ୍ୱ ପଖାଳ ଦିବସ ଓ କବିତା ପାଠୋତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୨୦/୩ (ନି.ପ୍ର): ଓଡ଼ିଆ ଅସ୍ମିତା ଓ ପରମ୍ପରାର ପ୍ରତୀକ 'ବିଶ୍ୱ ପଖାଳ ଦିବସ' ଅବସରରେ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ପକ୍ଷରୁ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଗୋ ପଞ୍ଚାୟତସ୍ଥିତ କାଶିଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ପଖାଳ ଦିବସ ସହ ଏକ ମନୋଜ୍ଞ କବିତା ପାଠୋତ୍ସବ ସମ୍ପନ୍ନ ହୋଇଛି। ସାହିତ୍ୟ ଘରର ସଭାପତି ତଥା ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ ଏବଂ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ସମ୍ପାଦକ ଡ. ଅଜିତ କୁମାର ମହାନ୍ତି, ସଂଯୋଜକ ସତ୍ୟବ୍ରତ ପ୍ରଧାନ ଏବଂ ସରପଞ୍ଚ ଜୟନ୍ତୀ ପରିଡାଙ୍କ ସମେତ ଅନେକ ବିଶିଷ୍ଟ ଶିକ୍ଷାବିତ୍ ଓ କବି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସଂସ୍କୃତିରେ ପଖାଳର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କାଶିଡିହା ବିଦ୍ୟାଳୟ ଓ ଦିଗମ୍ବରୀ +୨ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୁନ୍ଦର କବିତା ପାଠ କରିଥିଲେ। ବିଶେଷ କରି ତନୁ ରଞ୍ଜନ ସେଠୀଙ୍କ 'ଶିବ ତାଣ୍ଡବ ସ୍ତୋତ୍ର' ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷୟିତ୍ରୀ ମାଳବିକା ଗିରି ଓ ପୂର୍ଣ୍ଣଚନ୍ଦ୍ର ଓଝା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନେକ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ପରିଶେଷରେ ସମସ୍ତ ଅତିଥି ଓ କର୍ମକର୍ତ୍ତା ସାମୂହିକ ଭାବେ ପଖାଳ ସେବନ କରି ଏହି ଦିବସର ଭରପୂର ମଜା ନେଇଥିଲେ।

# ପଖାଳ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଖାଳ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ପଖାଳ କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ, ଏହା ଆମ ମାଟିର ବାସ୍ନା, ଆମ ପରମ୍ପରାର ଗୌରବ ଏବଂ ଓଡ଼ିଆ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ। ଆଜି 'ପଖାଳ ଦିବସ' ଅବସରରେ ସମସ୍ତ ଓଡ଼ିଶାବାସୀ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

# ଜୀ-ସାର୍ଥକରେ ମହା ଡବଲ୍ ପ୍ରିମିୟର: ଆସନ୍ତା ରବିବାର ଦେଖନ୍ତୁ ୱାର୍ଲ୍ଡ ଟେଲିଭିଜନ ପ୍ରିମିୟରରେ ନାରୀ ସଂଘର୍ଷର ଅପୂର୍ବ କାହାଣୀ 'ଦୁର୍ଗା'



ଭୁବନେଶ୍ୱର, ୨୦/୩ (ନି.ପ୍ର): ଓଡ଼ିଶାର ଘରେ ଘରେ ପରିଚିତ ତଥା ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ୍ 'ଜୀ-ସାର୍ଥକ' ପକ୍ଷରୁ ଦର୍ଶକଙ୍କ ପାଇଁ ଏକ ଚମତ୍କାର ଭେଟି। ନିଜର ଉନ୍ନତ ବିଷୟବସ୍ତୁ ଓ ନିଛକ କାହାଣୀ ପାଇଁ ହୃଦୟ ଜିତିଥିବା ଏହି ଚ୍ୟାନେଲରେ ଆସନ୍ତା ମାର୍ଚ୍ଚ ୨୨ ତାରିଖ (ରବିବାର) ଦିନ ବଳିଷ୍ଠ ସାମାଜିକ ତଥା କୋର୍ଟରୁମ୍ ଡ୍ରାମା ଉପରେ ଆଧାରିତ ଚଳଚ୍ଚିତ୍ର 'ଦୁର୍ଗା'ର ମହା ଡବଲ୍ ପ୍ରିମିୟର୍ ହେବାକୁ ଯାଉଛି। ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏହି ଚଳଚ୍ଚିତ୍ରଟି ଗୋଟିଏ ଦିନରେ ଡବଲ୍ ପ୍ରିମିୟର୍ ଅର୍ଥାତ, ଦିନ ୨ଟାରେ ଏବଂ ପୁଣିଥରେ ସନ୍ଧ୍ୟା ୬:୩୦ରେ ପ୍ରସାରିତ ହେବ। 'ଦୁର୍ଗା' ହେଉଛି ଏକ ଗାଉଁଲି ଝିଅର ସଂଘର୍ଷମୟ ଜୀବନ କାହାଣୀ, ଯିଏ ପରିସ୍ଥିତିରେ ପଡି ସହରର ଏକ ପ୍ରଭାବଶାଳୀ ବ୍ୟକ୍ତି ସହ ବିବାହ କରିଛି । ହେଲେ ବିବାହ ପରେ ତ ଜୀବନରେ ଘୋଟି ଆସେ ଏକ କଳା ବାଦଲ, ନିଜ ସନ୍ତାନକୁ ହତ୍ୟା କରିବାର ମିଥ୍ୟା ଆରୋପରେ ସେ ଆଜୀବନ କାରାଦଣ୍ଡ ଭୋଗୁଥିବା ବେଳେ ନ୍ୟାୟ ପାଇଁ ଆରମ୍ଭ ହୁଏ ଏକ ଅଦ୍ଭୁତ ଲଢ଼େଇ। ଏଥିରେ ନେଗେଟିଭ୍ ଚରିତ୍ର 'ରାଣା' ଭୂମିକାରେ ରାଜ୍ ରାଜେଶ, ସଙ୍ଗୀତଜ୍ଞ 'ଶଙ୍କର' ଭୂମିକାରେ ଅଭିଷେକ ଗିରି ଏବଂ ଦୁର୍ଗାକୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଥିବା ସାହସୀ ଓକିଲ 'ଅର୍ଚ୍ଚନା' ଭୂମିକାରେ ପ୍ରସିଦ୍ଧ ଅଭିନେତ୍ରୀ ଇଶା ତଲୱାର ନିଜର ଦମଦାର ଅଭିନୟ ପ୍ରଦର୍ଶନ କରିଛନ୍ତି।

# ବେତନଟୀ 'ସମ୍ବାଦ' ସାହିତ୍ୟଘର ପକ୍ଷରୁ ପଖାଳ ଦିବସ ପାଳିତ



ବେତନଟୀ , ୨୦/୩ (ନି.ପ୍ର): ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମରେ ବେତନଟୀ 'ସମ୍ବାଦ' ସାହିତ୍ୟଘର ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାହିତ୍ୟଘରେ ସଦସ୍ୟାମାନେ ସାମିଲ ହୋଇ ପଖାଳ କେମିତି ଶହଶହ ବର୍ଷରୁ ଓଡ଼ିଆ ସଂସ୍କୃତିର ଅଂଶବିଶେଷ ହୋଇ ରହିଛି ସେ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମମାଳୀର ସଭାପତି ସଂଯୁକ୍ତା ଜୀ, ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, କୋଷାଧ୍ୟକ୍ଷା ବିନୋଦିନୀ ମହାନ୍ତ, ସଦସ୍ୟା ଅନିନ୍ଦିତା ସାହୁ, ରଞ୍ଜିତା କର, ମନିଲତା ବଳା, ମାଳତୀ ପାତ୍ର, ସୋନା ଖାତୁନ, କୁମୁଦିନୀ ମହାନ୍ତ, ମିନତି ସାହୁ, ଜାନକୀ ମହାନ୍ତ, ସୁଧାଂଶୁ ବଳା ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ଉପସଭାପତି ଗତିକୃଷ୍ଣ ମହାନ୍ତ , ଯୁ ବ୍ୟବସାୟୀ ପ୍ରଦୀପ କୁମାର ମହାପାତ୍ର, କିଶୋର କୁମାର ନାଥ, ଶାନ୍ତନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବେତନଟୀ 'ସମ୍ବାଦ' ପ୍ରତିନିଧି ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଟାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ର ଭବ୍ୟ ସମାପନ

ବାଲେଶ୍ୱର, ୨୦/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫–୨୬ ଉତ୍ସାହପୂର୍ଣ୍ଣ ଭାବରେ ସମାପ୍ତ ହୋଇଛି । ଏହି ଅବସରରେ ଆୟୋଜିତ ଅନୁଷ୍ଠିତ ସମାପନୀ ଓ ପୁରସ୍କାର ବିତରଣ ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କ୍ରୀଡା କ୍ଷେତ୍ରରେ ଜାତୀୟ ସ୍ତରର ସଫଳତାର ଏକ ଗୌରବମୟ ଇତିହାସ ସୃଷ୍ଟି କରିପାରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଲୋକସଭା ସଦସ୍ୟ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରେରଣାଦାୟକ ଉଦବୋଧନ ପ୍ରଦାନ କରିଥିଲେ । ସେ ମହିଳା ମାନଙ୍କର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ଓ ସଫଳତାକୁ ଉଲ୍ଲେଖ କରି ଛାତ୍ରଛାତ୍ରୀଙ୍କୁ ସଶକ୍ତିକରଣ ଓ ଶକ୍ତିଶାଳୀ ଭବିଷ୍ୟତ ଗଢ଼ିବାର ଆହ୍ୱାନ କରିଥିଲେ । ନାରୀ ନେତୃତ୍ୱ, ଶାରୀରିକ ସାମର୍ଥ୍ୟ ଓ ବିକଶିତ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରୁ ପ୍ରେରଣା ନେଇ ସେ କ୍ରୀଡ଼ାଳୁମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଉତ୍କର୍ଷ ପାଇଁ ପ୍ରୟାସ କରିବା ଓ ସହଯୋଗୀ ମନୋଭାବ ସହ ଜୀବନର ମୂଲ୍ୟବୋଧକୁ ଅନୁଭବ ତଥା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । ସେ ଏହା ମଧ୍ୟ କହିଥିଲେ ଯେ ଏପରି ଆୟୋଜନ ଜୀବନ ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ ଓ ଶକ୍ତି ସହ ଉନ୍ନତିର ପଥକୁ ପ୍ରଶସ୍ତ କରେ । ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର କାର୍ଯ୍ୟଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ଦୀପକ ସି.ଏସ୍ (ବେଙ୍ଗାଲୁରୁ), କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାର ସଫଳ ଆୟୋଜନ କ୍ରୀଡା ପରିଷଦର ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ ବିଶୋଇଙ୍କ ନିର୍ଦ୍ଦେଶନା ଓ ଅକ୍ଲାନ୍ତ ପ୍ରୟାସରେ ସମ୍ଭବ ହୋଇଥିଲା । ଦେଶର ୨୫ଟି ରାଜ୍ୟର ୧୭୯ଟି ବିଶ୍ୱବିଦ୍ୟାଳୟରୁ କ୍ରୀଡ଼ାଳୁମାନେ ଏହି ପ୍ରତିଯୋଗିତାରେ ଉତ୍ସାହପୂର୍ଣ୍ଣ ଭାବେ ଯୋଗଦେଇ ନିଜ ଦକ୍ଷତା, ସଂକଳ୍ପ ଓ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ । ସମୁଦାୟ ଫଳାଫଳରେ ହରିୟାନା ରୋହତକ ର ମହାର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଚ୍ୟାମ୍ପିଅନ୍ ହୋଇଥିବାବେଳେ ସୁରତ (ଗୁଜରାଟ) ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ଅମୃତସର ର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଆୟୋଜନ ଗର୍ବ ଓ ସଫଳତାର ବାର୍ତ୍ତା ସହ ସମାପ୍ତ ହୋଇ, ଯୁବବର୍ଗଙ୍କ ମଧ୍ୟରେ କ୍ରୀଡା, ଶକ୍ତି ଓ ଉତ୍କର୍ଷର ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସ ଓ ପ୍ରତିବଦ୍ଧତାକୁ ସୁବିଦିତ କରିଛି ।

ଧ୍ୱନି ପ୍ରତିଧ୍ୱନି

# ଖାଦ୍ୟ ସୁରକ୍ଷାରୁ ବଂଚିତ ଛିତା, ରଶ୍ମିତା ଓ ସସ୍ମିତା

ଉଦଳା, ୨୦/୩ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ନରେନ୍ଦ୍ର ମାର୍ଣ୍ଡିଙ୍କର ସହଧର୍ମିଣୀ ଛିତା ସୋରେନ ଓ ତାଙ୍କର ଦୁଇଜଣ କନ୍ୟା ସନ୍ତାନ ରଶ୍ମିତା ମାର୍ଣ୍ଡି ଓ ସସ୍ମିତା ମାର୍ଣ୍ଡି ମୋଟ ୩ଜଣ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି। ଉକ୍ତ ୩ ଜଣଙ୍କର ଆଧାର କାର୍ଡ଼ ରହିଛି, କିନ୍ତୁ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ତାଙ୍କର ନାମ ଯୋଡା ଯାଇ ପାରୁନଥିବାରୁ ଚାଉଳ ପାଇପାରୁ ନଥିବାର ଜଣାଯାଇଛି । ଦିନମଜୁରିଆ ଭାବରେ କାମ କରି ଏହି ପରିବାର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଳେ ଚାଉଳ ନପାଇ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର



କଥା ଜଣାଇଛନ୍ତି । ଛିତା ସୋରେନଙ୍କର କହିବା ଅନୁସାରେ ତାଙ୍କର ବାପ ଘର ରାଇରଙ୍ଗପୁର ଉପଖଣ୍ଡର ଗୋରୁମହିଁସାଣିରେ । ଆଜକୁ ୫ ବର୍ଷ ପୂର୍ବେ ସେଠାରେ ଥିବା ରାସନ କାର୍ଡ଼ରେ ତାଙ୍କର ନାମ କଟି ଯାଇଛି । କିନ୍ତୁ ଫୁଲବାଡ଼ିଆରେ ତାଙ୍କର ଶାଶୁଘର ରାସନକାର୍ଡ଼ରେ ନିଜର ନାମ ସହିତ ତାଙ୍କର ଦୁଇ ଶିଶୁ କନ୍ୟା ରସ୍ମିତା ଓ ସସ୍ମିତାଙ୍କର ନାମ ଯୋଡ଼ା ଯାଇପାରୁ ନାହିଁ । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସଦସ୍ୟ ରାମଚନ୍ଦ୍ର ସିଂ ଓ ମଂଜୁଲତା ବାରିକ ଅନୁରୋଧ ଜଣାଇଛନ୍ତି ।

# ବାଲ୍ୟବିବାହ ଏବଂ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ

ଖୋର୍ଦ୍ଧା, ୨୦/୩ (ନି.ପ୍ର): ବେଗୁନିଆ ବ୍ଲକ ସଭାଗୃହରେ ବାଲ୍ୟବିବାହ ଏବଂ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ଏକ ସଚେତନତାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାଟିକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପ୍ଲାନ ଇଣ୍ଡିଆ ପକ୍ଷରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ସ୍ତରୀୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟି ର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ଏହି କର୍ମଶାଳା କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଏହି କର୍ମଶାଳା ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା କରିଥଲେ। ତାଲିମଦାତା ଭାବରେ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷା କାନ୍ତା ମହାନ୍ତି ଯୋଗ ଦେଇ ବାଲ୍ୟବିବାହ ଏବଂ ଶିଶୁ ଯୌନ ନିର୍ଯାତନାରକୁ ପରିଣାମ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟ ରେ କହିଥିଲେ , ବାଲ୍ୟବିବାହ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତକୁ ଗଭୀର ପ୍ରଭାବିତ କରେ। ଏହା ସହିତ ଶିଶୁ ଯୌନ ନିର୍ଯାତନା ଏକ ଗୁରୁତର ଅପରାଧ ଓ ଏହା ପାଇଁ କଡା ଆଇନଗତ ବ୍ୟବସ୍ଥା ରହିଛି। କର୍ମଶାଳାରେ ପୋକ୍ସୋ ଆଇନ-୨୦୧୨ ଓ ବାଲ୍ୟବିବାହ ନିରୋଧ ଆଇନ-୨୦୦୬ ଏବଂ ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ ଆଇନଗତ ସହାୟତା ବିଷୟରେ ସମସ୍ତ ସରପଞ୍ଚ, ମନ୍ଦିର ପୂଜକ, ଆଇ.ସି.ଡି.ଏସ ସୁପରଭାଇଜର ଙ୍କୁ ସଚେତନ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ବିଭାଗ ଯଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀପ୍ରଭା ଦେବୀ, ସି. ଡି.ପି.ଓ ବିନୋଦିନୀ ପଣ୍ଡା ବେଗୁନିଆ ଥାନା ଏ.ଏସ. ଆଇ ମଙ୍ଗୁଳି ବେହେରା, ବ୍ଲକ ଜି.ପି.ଡି.ଓ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇ ବାଲ୍ୟ ବିବାହ ନିରୋଧ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ , ସମସ୍ତଙ୍କୁ ବାଲ୍ୟବିବାହ ଓ ଶିଶୁ ଯୌନ ନିର୍ଯାତନା ରୋକିବା ପାଇଁ ସଚେତନ ଓ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ଲାନ ଇଣ୍ଡିଆ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ପ୍ରଦ୍ୟୁତ୍ ରଞ୍ଜନ ରାଉତ ପରିଚାଳନା କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟ ର ସାମଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ପ୍ଲାନ ଇଣ୍ଡିଆର ସାମଜିକ କର୍ମୀ ମଧୁସ୍ମିତା ପାତ୍ର, କଳ୍ପନା ସାହୁ ଏବଂ ବନ୍ଦନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର

ଭଦ୍ରକ, ୨୦/୩ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ତିହିଡ଼ି ଡିଗ୍ରୀ କଲଜ, ତିହିଡ଼ିରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ତିହିଡ଼ି ଡିଗ୍ରୀ କଲଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର, ଭଦ୍ରକ ଡାକ ବିଭାଗର ବିଜନେସ ଏକ୍ସିକ୍ୟୁଟିଭ ଶୋଭନ ମହାନ୍ତି, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷ ଦୟାନିଧି ଦାସ, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର୍ ରାଜୀବ କୁମାର ରଞ୍ଜନ, ଲିଡ୍ ବ୍ୟାଙ୍କ୍ ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ ମନୋଜ୍ କୁମାର ଦାସ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟା ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷ ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ବିଭାଗର ବିଜନେସ ଏଜିକ୍ୟୁଟିଭ୍ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ପଦ୍ମନ କୁମାର ରାୟ ଓ ତିହିଡ଼ି ଡିଗ୍ରୀ କଲେଜର ଅଧକ୍ଷ ପିଲାମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ତିହିଡ଼ି ଡିଗ୍ରୀ କଲେଜର ମୋଟ ୨୦୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ଏହି ସଭାର ଥିମ ଥିଲା 'ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' । ଏହି ଥିମ ରେ ଅନୁପ୍ରାଣିତ ହେବା ପାଇଁ ଅଥିତି ପିଲାମାନଙ୍କୁ ଅନୁରୋଧ କରିଥିଲେ ଓ ମହାବିଦ୍ୟାଳୟ ପରିସରରେ ଓ ନିଜ ସାଙ୍ଗ ସାଥୀ ମାନଙ୍କ ମଧ୍ୟରେ ସଞ୍ଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରାଇବା ସହ ଜିଲ୍ଲା ପ୍ରଶାସନ ତରଫ ରୁ ଆୟୋଜିତ ଅନେକ ସାକ୍ଷରତା ଶିବିର ଗୁଡ଼ିକରେ ଯୋଗଦାନ ଦେଇ ସମାଜକୁ ସୁରକ୍ଷିତ ଓ ଆର୍ଥିକ ସାକ୍ଷର କରିବାରେ ସହାୟକ ହେବ। ଏହି ସଭାଟିକୁ ସଫଳ କରିବାରେ ତିହିଡ଼ି ଡିଗ୍ରୀ କଲେଜର ସମସ୍ତ କାର୍ଯ୍ୟ କର୍ତ୍ତା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତ୍ତା ଓ ଡାକ ଏଜେଣ୍ଟ ମାନେ ସହାୟକ ହୋଇଛନ୍ତି।

## ପ୍ରେମ ପ୍ରତାରଣାର ଶିକାର ଗର୍ଭବତୀ ଯୁବତୀ ଥାନାର ଦ୍ୱାରସ୍ଥ: ଯୁବକଙ୍କୁ ବାନ୍ଧିଲା ପୋଲିସ

ନୀଳଗିରି, ୨୦/୩ (ନି.ପ୍ର): ବିବାହର ମିଛ ପ୍ରତିଶ୍ରୁତିଦେଇ ଏକବର୍ଷ ଧରି ପ୍ରେମିକାଙ୍କ ସହ ଶାରୀରିକସମ୍ପର୍କ ରଖିଥିଲେ। ପରେ ପ୍ରେମିକା ଗର୍ଭବତୀ ହେବାଜାଣି ପ୍ରେମିକଜଣକ ହାତଛାଡି ଦେଇଥିଲେ। ଶେଷରେ ନିରୁପାଏ ହୋଇ ପ୍ରେମିକା ଜଣକ ନ୍ୟାୟପାଇଁ ଥାନାରେ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବରହମପୁର ଥାନା କେସିପୁର ପଞ୍ଚାୟତ ବୁଧିଆଚୁଆ ଗାଁର ଜୈନିକା ଯୁବତୀ ଗତ ଏକବର୍ଷ ହେବ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବଡଗୁଡଗୁଡିଆ ଗ୍ରାମର ପ୍ରେମିକ ଭରତ କିସ୍କୁଙ୍କ ସହ ଭଲପାଇବାର ଛଳନାକରି ଶାରୀରିକ ସମ୍ପର୍କ ରଖିଥିଲେ। ପରେ ମେଡିକାଲ ଚେକ୍‌ଅପରୁ ସେ ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରେମିକା ଗର୍ଭବତୀ ଜାଣି ହାତଛାଡି ଦେଇଥିଲେ ପ୍ରେମିକ। ନ୍ୟାୟପାଇଁ ଯୁବତୀ ଜଣକ ଗାଁର ଆଶାଦିଦି ସହଯୋଗ ନେଇ ବରହମପୁର ଥାନାରେ ଗତ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବହରମପୁର ଥାନାପକ୍ଷରୁ ୩୮/ ୨୬ ରେ ଏକ ମାମଲା ରୁଜୁକରି ଯୁବତୀଙ୍କୁ ପଚରାଉଚୁରା କରିବାସହିତ ଡାକ୍ତରି ମାଇନାକରି ତଦନ୍ତ ଆରମ୍ଭ କରିଥିଲା । ଗତ ଗୁରୁବାର ରାତ୍ରିରେ ପ୍ରେମିକ ବଦ୍ରୀନାଥ (ଓରଫ) ଭରତ କିସ୍କୁଙ୍କୁ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଗିରଫ କରିଥିଲେ। ଶୁକ୍ରବାର ଭରତ କିସ୍କୁଙ୍କୁ ଡାକ୍ତରିମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ଭଦ୍ରକ ସାହିତ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ





ଭଦ୍ରକ , ୨୦/୩ (ନି.ପ୍ର): ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଯୋଜନାରେ ଭଦ୍ରକର ପ୍ରାଚୀନ ସାହିତ୍ୟ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍ଥାନୀୟ ସହୀଦ ସ୍ମୃତି ଭବନ ପରିସରରେ ସଭାପତି ରାଧାରାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଉଦଯାପିତ ହୋଇଯାଇଛି ।ଉଦଯାପନୀ ଦିବସର ପ୍ରଥମ ଅଧିବେଶନକୁ ଝରଣା ପଟ୍ଟନାୟକ ଶୁଭାରମ୍ଭ କରିଥିବା ବେଳେ ରୁଦ୍ରମାଧବ ବାରିକ ଏବଂ ସାଥି କାନ୍ତସଙ୍ଗୀତ ପରିବେଷଣ କରିଥିଲେ। ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଉଷାରାଣୀ ଜେନା , ସ୍ୱାଗତ ସମ୍ଭାଷଣ ଜଣାଇଥିଲେ ଡକ୍ଟର ବ୍ରଜ ମୋହନ ମିଶ୍ର ଏବଂ ପରିଚୟ ପ୍ରଦାନ କରିଥିଲେ ଡକ୍ଟର ସୁକାନ୍ତି ମହାପାତ୍ର। ମୁଖ୍ୟ ଅତିଥି ବିଶିଷ୍ଟ ସମାଲୋଚକ ବୈଷ୍ଣବ ସାମଲ ଓଡ଼ିଆ ସାହିତ୍ୟର ଦିଗ ଦିଗନ୍ତ ବିଷୟରେ ଆଲୋଚନା କରିଥିବା ବେଳେ ଡ଼.ଶଶଧର ଦାସ ଉପନ୍ୟାସ ଜଗତକୁ ଭଦ୍ରକର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡଙ୍ଗୀ ସାହିତ୍ୟରେ ସଂଗଠନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ଡକ୍ଟର ଅର୍ଚ୍ଚନା ନାୟକଙ୍କୁ ଭଦ୍ରକ ସାହିତ୍ୟ ପରିଷଦ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଡକ୍ଟର ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କୁ ରାଖାଲ ଦାସ ସ୍ମୃତି ସମ୍ମାନ,ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କୁ ମୁକୁନ୍ଦ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ, ବାସୁଦେବ ବାରିକଙ୍କୁ ନାରାୟଣ ପ୍ରସାଦ ସ୍ମୃତି ସମ୍ମାନ, ପ୍ରାକ୍ତନ ସମ୍ପାଦକ ଜନ୍ମେଜୟ ଦ୍ୱିବେଦୀଙ୍କୁ ଭଦ୍ରକ ସାହିତ୍ୟ ପରିଷଦ ସମ୍ପାଦକ ସମ୍ମାନ, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ଶ୍ରୀମତୀ ବସନ୍ତ ମିଶ୍ରଙ୍କୁ ସାହିତ୍ୟ ପରିଷଦକୁ ଅମୁଲ୍ୟ ଅବଦାନ ନିମିତ୍ତ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା ।ଅପରାହ୍ନ ରେ କବିତାପାଠ ଉତ୍ସବରେ ପୌରୋହିତ୍ୟ କରିଥିଲେ ଡ଼.ପ୍ରଭାତ ନଳିନୀ ମହାପାତ୍ର କ୍ଷକବି ହୃଦାନନ୍ଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ କବିତା ପାଠ ଶୁଭାରମ୍ଭ କରିଥିବା ବେଳେ ଦୈନିକ ଧ୍ୱନି ପ୍ରତିଧ୍ୱନୀର ସମ୍ପାଦିକା ସୈରୀନ୍ଦ୍ରୀ ସାହୁ ମୁଖ୍ୟବକ୍ତା ଏବଂ ଉମାକାନ୍ତ ରାଉତ ଓ ଅଧ୍ୟକ୍ଷ ନିହାର ରଞ୍ଜନ କର ଅତିଥି ଭାବେ ଯୋଗ ଦେଇ ଓଡ଼ିଆ କବିତାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। କବିତାଗୁଡିକୁ ସଂଯୁକ୍ତା ବଳ ନାୟକ ଓ ଉଷାରାଣୀ ଜେନା ସଂଯୋଜନା କରିଥିଲେ। ଭଦ୍ରକ ଜିଲ୍ଲାର ପ୍ରତି ବ୍ଲକରୁ ଶତାଧିକ କବି ଏଥିରେ କବିତା ପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ। ଏହାକୁ କବି ବିଜୟ କୁମାର ବହଳି, କିଶୋର ପାଣିଗ୍ରାହୀ,ରତିକାନ୍ତ ବେହେରା, ଗୌତମ ମହାରଣା, ଗୋକୁଳା ନନ୍ଦ ବିଜୟଶ୍ରୀ ରାଉତ,ଶରତ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କବି ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

## ଅମ୍ବିକାପୁର ଧାନମଣ୍ଡିରେ ଧାନକିଣା ଦାବିନେଇ ରାସ୍ତାରୋକ: ପ୍ରତିଶ୍ରୁତି ପରେ ରାସ୍ତାରୋକ ପ୍ରତ୍ୟାହୃତ



ନୀଳଗିରି, ୨୦/୩ (ନି.ପ୍ର): ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଅଧିନସ୍ଥ ଅମ୍ବିକାପୁର ଧାନମଣ୍ଡିରେ ଧାନ କିଣିବା ଦାବୀନେଇ ଚାଷୀମାନେ ଆଜି ସକାଳ ଆଠ ଘଟିକାରୁ ରାସ୍ତାରୋକ କରି ଦିନ ୧୨ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନ ତରଫରୁ ଏଆରସିଏସ, ଏସିଏସଓ, ଏମଆଇ ଓ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଧାରଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନ କାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ତାରିଖ ସୁଦ୍ଧା ସମସ୍ତ ଟୋକନ ଧାରୀଙ୍କ ଠାରୁ ଧାନକିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ପାତ୍ର, କୃଷକ ନେତା ଉଗ୍ରସେନ ଦାସ, କୈଳାଶ ବାରିକ, ଭାଗବାନ ମହାନ୍ତି, ସରୋଜ କୁମାର ବେହେରା, ଚନ୍ଦନ ପୃଷ୍ଟି, ସନାତନ ବିଶ୍ୱାଳ,ଦାମୋଦର ପଣ୍ଡା, ସନାତନ ଜେନା,ଗୋବର୍ଦ୍ଧନ ମହାପାତ୍ର, ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତଥିବା ବେଳେ, ନୀଳଗିରି କଂଗ୍ରେସ ଦଳପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ, ପୂର୍ବତନ ବ୍ଲକ ଉପାଧକ୍ଷ ରାମକୃଷ୍ଣ ଜେନା, ଯଶୋଦାନନ୍ଦନ ସିଂହ, ଚକ୍ରଧର ଦାସବାବୁ, ଯତୀନ୍ଦ୍ର ନାୟକ, ଚାଷୀ ସନାତନ ଜେନା, ବସନ୍ତ ବେହେରା, ଜଗନ୍ନାଥ ପଣ୍ଡା, ହେମନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ମିଟୁ ବେହେରା, ଅଶୋକ ଜେନା, ସୁବ୍ରତ ପୃଷ୍ଟି, ଚନ୍ଦନ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସଫଳ କରାଇବାରେ ସହଯୋଗ କରିଥିଲେ। ତେବେ ଟୋକନଧାରୀ ଚାଷୀମାନେ ଦୀର୍ଘ ପାଞ୍ଚଦିନ ଧରି ମଣ୍ଡିରେ ଧାନ ପକାଇଛନ୍ତି। ଦୁଇଦିନ ହେଲା ଅଦିନିଆ ବର୍ଷା ଫଳରେ ମଣ୍ଡିରେ ଧାନଗଜା ହେଲାଣି ।ଫଳରେ ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ପ୍ରଶାସନର ପ୍ରତିଶୃତି ଅନୁଯାୟୀ ଚାଷୀଙ୍କଠାରୁ କେବେ ଧାନକିଣା ଯାଉଛି ତାହା ଦେଖିବାକୁବାକି ରହିଲା।

# ଦକ୍ଷିଣ ବାଲିଆପାଳ ଅଞ୍ଚଳର ଚୋରାବାଲିର ପାହାଡ଼: ଜନ ବସତି ପ୍ରତି ବିପଦ ଆଶଙ୍କା



ବାଲିଆପାଳ, ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଦକ୍ଷିଣ ବାଲିଆପାଳରେ ଥିବା ଡଗରା, ଚଉମୁଖ, ବେତଗଡିଆ, ଜଗତିପୁର, ଅଁଳାଡିହା, ନୂଆ ଗାଁ, ଜମ୍ବିରାଇ ପ୍ରମୁଖ ପଞ୍ଚାୟତ ମାନଙ୍କରେ ଥିବା ସ୍ତୁପ ବାଲିର ଚୋରା ଚାଲାଣକୁ ନେଇ ଦୀର୍ଘ ଦିନ ଧରି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ଧୀରେ ଧୀରେ ମହଜୁଦ ଥିବା ଉଚ୍ଚ ବାଲି ସ୍ତୁପ ଗୁଡିକ ଧ୍ୱଂସ କରି ବାଲି ମାଫିଆ ମାନେ ମାଲେ ମାଲେ ହେଉଛନ୍ତି। ଯାହା ଫଳରେ ସମୁଦ୍ର ଉପକୂଳବର୍ତ୍ତୀ ଲୋକେ ମାନେ ଭୟଭୀତ ହେଉଛନ୍ତି। ସୁନାମି ଦାୟରୁ ରକ୍ଷା ପାଇବା ପାଇଁ ଏକ ମାତ୍ର କବଚ ସେହି ଉଚ୍ଚ ବାଲୁକା ସ୍ତୁପ। ସୁଚନା ଅନୁସାରେ ଡଗରା ବେଳାଭୂମିକୁ ଯିବାର ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ଚୋରା ବାଲିର କୃତ୍ରିମ ପାହାଡ଼ ଦେଖିବା ପାଇଁ ମିଳୁଛି। ଦିନ ତମାମ ଜେସିପି ଏବଂ ଟ୍ରାକ୍ଟର ମାଧ୍ୟମରେ ବାଲି ମାଫିଆ ମାନେ ଉଚ୍ଚା ସ୍ତୁପ ଗୁଡିକରୁ ଶହ ଶହ ଟ୍ରିପ ବାଲି ଆଣି ସେହି ଜାଗାରେ ଗଚ୍ଛିତ କରି ରଖନ୍ତି। ମଧ୍ୟ ରାତ୍ରରେ ୧୨ ଚକିଆ ହାଇୱା ଦ୍ୱାରା ପଶ୍ଚିମ ବଙ୍ଗକୁ ଅଧିକ ଦାମରେ ବୋଝେଇ କରି ଚାଲଣ କରୁଛନ୍ତି। ଏହି ସ୍ଥାନଟି ଡଗରା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଠାରୁ ପ୍ରାୟ ୨୦୦ ମିଟର ହେବ। ଏଥିରୁ ସ୍ପଷ୍ଟ ବାରି ହେଉଛି ବାଲି ମାଫିଆ ମାନେ ଜିଲ୍ଲା ପ୍ରଶାସନ ର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀଙ୍କୁ ହାତ କରି ଅସାଧୁ ଉପାୟରେ ରସିଦ କାଟି ପରିବହନ କରୁଛନ୍ତି। ସବୁଠାରୁ ବଡ କଥା ହେଲା ଏହି ରାସ୍ତା ଦେଇ ଜିଲ୍ଲାପାଳ, ତହସିଲଦାର, ଖଣି ଅଧିକାରୀ ପୋଲିସ କର୍ମଚାରୀଙ୍କ ଗାଡ଼ି ଯାଆ ଆସ କରେ । ମାତ୍ର ଏଥି ପ୍ରତି କାହାର ବି ନଜର ନାହିଁ।ଏହା ଦୁଃଖ ଏବଂ ପରିତାପର ବିଷୟ ବୋଲି ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ଭିଟାମାଟି ସୁରକ୍ଷା କମିଟିର ସଭାପତି ଅରୁଣ ଜେନା, ସଂମ୍ପାଦକ ତୀର୍ଥ କୁମାର ନାଥ ପ୍ରମୁଖ କହିଛନ୍ତି। ପ୍ରଶାସନ ଏହି ସ୍ତୁପ ବାଲି ଚୋରା ଚାଲାଣକୁ ବନ୍ଦ କରି ଜନ ବସତିର ରକ୍ଷା କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପ୍ରେମ ସମ୍ପର୍କକୁ ନେଇ ହତ୍ୟାକାଣ୍ଡ: ଦୁଇ ଦିନରେ ଘଟଣାର ପର୍ଦ୍ଦାଫାଶ କଲା ରୁପ୍ସା ପୋଲିସ

ବସ୍ତା , ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଲଛମନ ଖୁଣ୍ଟା ଗ୍ରାମର ଜାରାସାହିରେ ଅଭାବନୀୟ ଘଟଣା, ପ୍ରେମ ସମ୍ପର୍କକୁ ନେଇ ହତ୍ୟା କରାଯାଇଥିବା ଜଣାପଡିବା ପରେ ହତ୍ୟାକାରୀ ମା ପୁଅକୁ ଗିରଫ କଲା ରୁପ୍ସା ପୋଲିସ। ସୂଚନା ଅନୁସାରେ ଗ୍ରାମ ର ବୁଦ୍ଧିଆ ସିଂ (୩୧) ବିବାହ ବିଚ୍ଛେଦ ହୋଇଥିବା ବେଳେ ସେ ଗ୍ରାମର ଜଣେ ବିବାହିତ ମହିଳାଙ୍କ ସହ ଲୁଚା ଛପା ସମ୍ପର୍କ ରଖିଆସୁଥିଲେ। ଗତ ୧୭ ତାରିଖ ରେ ମହିଳା ଯମୁନା ସିଂଙ୍କ ପରିବାର ଲୋକଙ୍କୁ ବୁଝା ସୁଝା କରି ବିବାହ ର ପ୍ରତିଶୃତି ଦେଇ ଘରକୁ ନେଇ ଆସିଥିଲେ ତେବେ ୧୮ ତାରିଖ ସକାଳେ ବୁଦ୍ଧିଆଙ୍କ ବାରଣ୍ଡାରେ ଯମୁନା ଅଚେତ ଅବସ୍ଥା ରେ ପଡ଼ିଥିବା ବୁଦ୍ଧିଆ ଯମୁନାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।



ପରିବାର ଲୋକ ପହଂଚି ଯମୁନା କୁ ମେଡିକାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଯମୁନାଙ୍କ ଭାଇ ଯୀଶୁ ସିଂ ରୁପ୍ସା ଥାନାରେ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ପରେ ପୋଲିସ ୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଥିଲା। ମାତ୍ର ରୁପ୍ସା ଥାନା ଅଧିକାରୀ ସୌମ୍ୟ ଚିତ୍ତ ମିଶ୍ର ଘଟଣାର ତଦନ୍ତ କରି ଘଟଣା ଦିନ ଯମୁନା ସିଂଙ୍କ ସହିତ ବୁଦ୍ଧିଆ ଏବଂ ତାଙ୍କ ମା ସହିତ କୌଣସି ଘଟଣା କୁ ନେଇ ପାଟି ତୁଣ୍ଡ ହୋଇଥିଲା, ପରେ ଉଭୟ ମା ପୁଅ ମିଶି ଏକ ଏପ୍ରୋନ ସାହାଯ୍ୟ ରେ ଯମୁନାଙ୍କ ଗଳାକୁ ଚାପି ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲେ। ଯମୁନାଙ୍କ ମା ସୁଭଦ୍ରାଙ୍କ ଅଭିଯୋଗ ମୂଳେ ପୋଲିସ ୫୦/୨୬ ମୂଳେ ବିଭିନ୍ନ ଦଫା ରେ ମାମଲା ରୁଜୁ କରି ଘଟଣାର ଦୁଇ ଦିନ ମଧ୍ୟରେ ହତ୍ୟା ଘଟଣାରେ ଜଡିତ ଉଭୟ ମା ଓ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**AFFIDAVIT**

By virtue of an affidavit before the executive Magistrate Balasore, I, Sri Basanta Mahalik, aged about 46 years, son of Late Chakradhar Mahalik resident of vill- Athabatia, P.o./ P.s.- Baliapal, Dist-Balasore, Odisha, PIN-756026 declare that my name has been recorded as Basanta Mahalik in my Aadhaar card No- 5743 1141 8011, but my father's name has been wrongly recorded as Chakradhar Panda instead of Chakradhar Mahalik. Our parental address is At- Biruan, P.o- Sergarh, Dist- Balasore which comes under Balasore Assembly Constituency and in the V.I. List Sl. No. 743, my father's name is also recorded as Chakradhar Mahalik. Both Chakradhar Panda and Chakradhar Mahalik are one and same person.

**Basanta Mahalik**

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Editor: Sairindhree Sahoo
❐ Managing & Executive Editor : Srustidhar Parida